ସକାଳ THE SAKALA



# ଜିଲ୍ଲାସ୍ତରୀୟ ସ୍ମାର୍ଟ ହାକାଥନ୍ ୩.୦

**ସମ୍ବଲପୁର, ୩୦।୪ (ସମିସ)**

ସମ୍ବଲପୁର ଧମାସ୍ଥିତ ମାଁ ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତୃତୀୟ ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡ଼ିଶା ହାକାଥନ୍ ୩.୦ 'ଓଡ଼ିଆପ୍ରେନର୍' ଅନୁଷ୍ଠିତ ହେଇଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏବିଇଓ ଶ୍ରୀ ସାହୁ କହିଥିଲେ ଯେ, ଏଭଳି କାର୍ଯ୍ୟକ୍ରମ ସମାଜକୁ ନୂତନ ଦିଗଦର୍ଶନ ଦେବାରେ ସହାୟକ ହୁଏ। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ଦର୍ଶାଇ ଏହାଦ୍ୱାରା ବହୁ ଯୁବ ବୈଜ୍ଞାନିକଙ୍କୁ ତାଙ୍କ ବିଜ୍ଞାନ ପ୍ରତିଭାର ବିକାଶ ନିମନ୍ତେ ସୁଯୋଗ ମିଳିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ମାନେଶ୍ୱର ବ୍ଲକ ଶିକ୍ଷାଧିକାରୀ ଲୋକିତା ଦାଶ, ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରନ ଶର୍ମା ଓ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରତାପ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଆଇଆଇଟି ଭୁବନେଶ୍ୱର, ୟୁନିସେଫ୍, ଷ୍ଟାର, ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସହଯୋଗରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ସମ୍ବଲପୁର ଆନୁକୂଲ୍ୟରେ ଆୟୋଜିତ ଏହି ତୃତୀୟ ହାକାଥନ ପ୍ରତିଯୋଗିତାରେ ଜିଲ୍ଲାର ୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରର ୨୬ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ପ୍ରକଳ୍ପ ଗୁଡିକ ବିପର୍ଯ୍ୟୟ ପରିଚାଳନା, ସାଇବର୍ ସିକ୍ୟୁରିଟି, ସ୍ୱାସ୍ଥ୍ୟର ଯତ୍ନ, ଆବର୍ଜନା ପରିଚାଳନା, କୃଷି ଓ ଗ୍ରାମ୍ୟ ବିକାଶ, ବିକଳ୍ପ ଶକ୍ତି ଆଦି ବିଜ୍ଞାନ ଓ ବୈଷୟିକ ଶିକ୍ଷା ଦୈନନ୍ଦିନ ଜୀବନର ସମସ୍ୟାର ସମାଧାନ ଉପରେ ପର୍ଯ୍ୟବେସିତ ହେଇଥିଲା। ବିଚାରକ ଭାବରେ ଡଃ ଦେବାର୍ଚ୍ଚନ ମହାନନ୍ଦ, ଡଃ ସୂର୍ଯ୍ୟ ନାରାୟଣ ପ୍ରଧାନ, ଆଇଆଇଟି ଭୁବନେଶ୍ୱରର ପ୍ରତିନିଧି ଡଃ ରାଜା ମହାଳିକ ଯାଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅସୀମ ପ୍ରଧାନ ଓ ସନ୍ଧ୍ୟାରାଣୀ ପୃଷ୍ଟି ସଂଯୋଜନା କରିଥିବାବେଳେ ଶେଷରେ ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ମାଁ ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି ଏବଂ ମାନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକିତା ଦାଶ ଓ ଠେମରା ପ୍ରାଥମିକ ଚିକିତ୍ସା କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରତାପ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଭୋଇ ଏପରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରେ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରିବା ସହ ଦୈନନ୍ଦିନ ଜୀବନରେ ସମସ୍ୟାର ସମାଧାନ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଜୟୀ ପ୍ରତିଯୋଗୀମାନେ ହେଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରେଙ୍ଗାଲିର ଆଶୁତୋଷ ପ୍ରଧାନ ପ୍ରଥମ, ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆୟୁଷୀ ମଣ୍ଡଳ, ପ୍ରତୀକ୍ଷା ମହାପାତ୍ର ଓ ପ୍ରତ୍ୟାଶା ଦେହୁରୀଙ୍କ ଦଳ ଦ୍ୱିତୀୟ ଏବଂ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଅମନ ଡନସନା ଏବଂ ୟତିକା ଶର୍ମା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ହାକାଥନ୍‌ରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ସହ ଯଥାକ୍ରମେ ୨୦ ହଜାର, ୧୫ ହଜାର ଓ ୧୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ହାକାଥନ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ଓ ସମଗ୍ର ଶିକ୍ଷା ସଂଯୋଜକ ପୁରୁଷୋତ୍ତମ ପ୍ରହରାଜ। ଧମା ମାଁ ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା ବିଭିନ୍ନ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ସମ୍ବଲପୁର, ୩୦।୪ (ସମିସ)** : ମୁଦିପଡ଼ାସ୍ଥିତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ପଣ୍ଡାଙ୍କୁ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟକାଳୀନ ସଭାରେ ଆର୍.ପି. ଲାଇନ୍ କ୍ଲଷ୍ଟର୍ ଅନ୍ତର୍ଗତ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ସଭାରେ ସିଆର୍‌ସିସି ରଞ୍ଜିତା ସେଠ ଅଧ୍ୟକ୍ଷତା କରିଥିବାବେଳେ ଆର୍‌ପି ଲାଇନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଜନୀକାନ୍ତି ସୁନାରୀ, ଗୁଜୁରାତି ଏମଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳିନୀ ପାଢ଼ୀ, ଚେରୁଆପଡ଼ା ଏମ୍‌ଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ଦୋରା, ବେହେରାମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ପତି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ଦାଶ ଓ ବରିଷ୍ଠ ସାମ୍ବାଦିକ ସୁକାନ୍ତ କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡାଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ କବିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ବରଗଡ଼ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଦିବସ

**ବରଗଡ଼, ୩୦।୪ (ସମିସ):** ବରଗଡ଼ ବରାହଗୁଡ଼ାସ୍ଥିତ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଅତିଥିଗଣ ମଙ୍ଗଳଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ଡ.ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଚେୟାରମ୍ୟାନ୍ ଦାଶରୀ ମୂରଲୀ କ୍ରିଷ୍ଣାଙ୍କ ଜନ୍ମଦିନ ପରିବାର ବର୍ଗ ତଥା ଟ୍ରଷ୍ଟି ଦାଶରୀ ରାମ ତୁଳସୀଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ଚେୟାରମ୍ୟାନ୍ ଦାଶରୀ ମୂରଲୀ କ୍ରିଷ୍ଣା ବିଦ୍ୟାଳୟର ସମସ୍ତ ବିଭାଗ ମୁଖ୍ୟଙ୍କୁ ପ୍ରଶଂସା କରିବା ସହିତ ବିକାଶର ସଫଳତାର ଗୁଢ଼ ରହସ୍ୟକୁ ବଖାଣି କର୍ମଚାରୀ ନିଜର ସାଧୁତା, ସମୟ ସହିତ ପରିବର୍ତ୍ତନ ଓ କଠିନ ପରିଶ୍ରମ ହିଁ ବିକାଶର ସଫଳତାର ମାଇଲ ଖୁଣ୍ଟକୁ ଅଗ୍ରସର କରାଇଛି ବୋଲି ମତପ୍ରଦାନ କରିଥିଲେ। ମୁଖ୍ୟଅତିଥି ମେଜର ଜେନେରାଲ ଅଜୟ ଶର୍ମା ଜ୍ଞାନଠାରୁ କୌଣସି ପବିତ୍ର ଜିନିଷ ଏ ସଂସାରରେ ନାହିଁ ବୋଲି କହିବା ସହିତ ପ୍ରାଚୀନ ଭାରତୀୟ ସଭ୍ୟତାର ବେଦ, ଉପନିଷଦ, ପୁରାଣ ଆଦିରୁ




ଆରମ୍ଭକରି ବର୍ତ୍ତମାନର ଡିଜିଟାଲ ପେମେଣ୍ଟ, ଇସ୍ରୋର ସଫଳତା, ଆତ୍ମନିର୍ଭର ଭାରତ, ଜି୨୦, ନୂତନ ଶିକ୍ଷାନୀତି-୨୦୨୦, ଆଦିର ଆଲୋଚନା ମାଧ୍ୟମରେ ଭାରତର ଅଭ୍ୟୁଦୟ ସମ୍ପର୍କରେ ବିଶଦ ଆଲୋକପାତ କରିଥିଲେ।କ୍ରିଷ୍ଣା ବିକାଶ ଅନୁଷ୍ଠାନର ସମୂହର ମ୍ୟାନେଜିଂ ଡାଇରେକ୍ଟର ଦାଶରୀ ବିବେକ ଦୀର୍ଘ ୨୪ ବର୍ଷର ବିକାଶର ଜୟଯାତ୍ରା ସମ୍ପର୍କରେ କହିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଜନସେବା କ୍ଷେତ୍ରରେ ବିକାଶ କିପରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଛି ତାହା ବର୍ଣ୍ଣନା କରିଛନ୍ତି। ଅନୁଷ୍ଠାନର ଚେୟାରମେନ୍ ଟୁ ଡାଇରେକ୍ଟର ଲୋକେଶ ଦାଶର ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଦାୟିତ୍ୱ, ସାଧୁତା, ସଚ୍ଚୋଟପଣିଆ ହେଉଛି ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀ ବିକାଶର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ଏ ବର୍ଷର ଦଶମ ଶ୍ରେଣୀର ଉଚ୍ଚକୋଟିର ବୋର୍ଡ ପରୀକ୍ଷାର ଫଳାଫଳ ୯୯.୨ ପ୍ରତିଶତ ଓ ଜେଇଇର ଫଳାଫଳକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ କ୍ରିଷ୍ଣା ବିକାସ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ବର୍ଷର ଆରମ୍ଭ ହେତୁ ନୂତନ ଲୋଗୋ ଉନ୍ମୋଚନ କରାଯାଇଥିଲା। ଶେଷରେ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଏକଜ୍ୟୁକେଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଲ ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ସେକାଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, କ୍ରିଷ୍ଣା ବିକାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ନାରାୟଣ ରଥ ଏବଂ ଉପାଧ୍ୟକ୍ଷ ଡ.ମନୋଜ କୁମାର ତ୍ରିପାଠୀ ସଭାକାର୍ଯ୍ୟକୁ ସୂଚାରୁ ଭାବେ ପରିଚାଳନା କରିଥିଲେ। କ୍ରିଷ୍ଣା ବିକାଶ ଫାଷ୍ଟ-ଷ୍ଟେପର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର, ସିମେଣ୍ଟ ନଗର ଇଂଲିଶ ମିଡିୟମ୍ ସ୍କୁଲର ଆଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏବଂ ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମାରୱାଡ଼ି ମହିଳା ସମିତିର ଶପଥ ଗ୍ରହଣ

**ସମ୍ବଲପୁର, ୩୦।୪ (ସମିସ)** : ମାରୱାଡ଼ି ମହିଳା ସମିତି ସମ୍ବଲପୁର ବଡ଼ବଜାର ଶାଖାର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରେମା ପନସାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶପଥ ପାଠ କରାଇଥିଲେ। ନବନିର୍ବାଚିତ କାର୍ଯ୍ୟନିର୍ବାହୀ କମିଟିରେ ସୀମା ମିତ୍ତଲ ସଭାପତି, ସିମରନ ଅଗ୍ରୱାଲ ସମ୍ପାଦକ ଏବଂ ପାୟଲ ଅଗ୍ରୱାଲ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସଙ୍ଗିତା ଟିବ୍ରେୱାଲ ଉପାଧ୍ୟକ୍ଷ ଏବଂ ଜ୍ୟୋତି ଅଗ୍ରୱାଲ ଉପସଭାପତି ଭାବରେ ଚୟନ ହୋଇଥିଲେ। ଏହା ସହିତ ବିଭିନ୍ନ ପ୍ରକଳ୍ପ ପାଇଁ ସଦସ୍ୟାମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଶପଥ ଗ୍ରହଣ ଉତ୍ସବରେ ପ୍ରାୟ ୩୦ ଜଣ ସଦସ୍ୟା ଯୋଗ ଦେଇଥିଲେ।

## ହାଇୱା ଓଲଟି ଡ୍ରାଇଭର ଗୁରୁତର

**ରେଢ଼ାଖୋଲ, ୩୦।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଡବାହାଲ ପଞ୍ଚାୟତସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଦିନ ହାଇୱା ଭାରସାମ୍ୟ ହରାଇ ବ୍ରିଜ୍ ତଳକୁ ଓଲଟି ପଡ଼ିଥିଲା। ହାଇୱା ଚାଳକ ଶିମିଳିପାଳଗ୍ରାମର ଧବଳ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ହାଇୱା ଗାଡି ରେଢ଼ାଖୋଲରୁ ବୌଦ୍ଧ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ୧୫୩(ବି) ଜାତୀୟ ରାଜପଥ ରାସ୍ତାର ବଡବାହାଲ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଥିବା ବ୍ରିଜ୍ ତଳକୁ ଓଲଟି ପଡ଼ିଥିଲା। ସ୍ଥାନୀୟଲୋକେ ହାଇୱା ଚାଳକ ଧବଳଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଚାଳକ ଜଣଙ୍କ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସେପଟେ ଘଟଣା ସ୍ଥଳରେ ରେଢ଼ାଖୋଲ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

### ସମ୍ବଲପୁର ବିଶ୍ୱବିଦ୍ୟାଳୟ +୩ ଫଳାଫଳ

## ବିକାଶ ଡିଗ୍ରୀ କଲେଜର ଉତ୍କୃଷ୍ଟ ପ୍ରଦର୍ଶନ

**ବରଗଡ଼, ୩୦। ୪(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ସଦ୍ୟ ପ୍ରକାଶ ପାଇଥିବା +୩ କଳା, ବିଜ୍ଞାନ ଓ ବାଣିଜ୍ୟ ଶେଷ ବର୍ଷ ଫଳାଫଳରେ ବିକାଶ ଡିଗ୍ରୀ କଲେଜର ୧୮ ଜଣ ଛାତ୍ରଛାତ୍ରୀ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଦଶକ ତାଲିକାଭୁକ୍ତ ଅଛନ୍ତି। ମନୋବିଜ୍ଞାନ ସମ୍ମାନରେ ସଂସ୍କୃତି ହୋତା ଯଥାକ୍ରମେ ୯.୪୨ ସିଜିପିଏ ସହିତ




ବିଶ୍ୱବିଦ୍ୟାଳୟର ଶୀର୍ଷ ତାଲିକାରେ ସ୍ଥାନ ପାଇଛନ୍ତି। ଠିକ୍ ସେହିପରି ଉଦ୍ଭିଦ ବିଜ୍ଞାନର ଛାତ୍ରୀ ସ୍ମିତା ଗୌଡ ୯.୩୫ ସିଜିପିଏ ଓ ପଦାର୍ଥ ବିଜ୍ଞାନରେ ସମ୍ମିଲ ସୌରୂପ ପଣ୍ଡା ୯.୨୫ ସିଜିପିଏ ସହିତ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ରହ୍ୟାଙ୍କ ତାଲିକାଭୁକ୍ତ ମାନଙ୍କ ମଧ୍ୟରେ ପ୍ରାଣୀ ବିଜ୍ଞାନର ସାଇନା ଅଗ୍ରୱାଲ ୪ର୍ଥ ରାଙ୍କ, ଉଦ୍ଭିଦ ବିଜ୍ଞାନରେ ଶ୍ରାବଣୀ ପଣ୍ଡା ୫ମ ରାଙ୍କ, ରସାୟନ ବିଜ୍ଞାନରେ ଜୟଶ୍ରୀ ସରାଫ ୫ମ ରାଙ୍କ, ଶିକ୍ଷା ସମ୍ମାନରେ ବନିତା ପଧାନ ୫ମ ରାଙ୍କ, ଗଣିତ ସମ୍ମାନରେ ଉମେଶ ନାୟକ ୫ମ ରାଙ୍କ, କମ୍ପ୍ୟୁଟର ବିଜ୍ଞାନରେ ପ୍ରିତୀ କୁମାରୀ ସିଂ ୫ମ ରାଙ୍କ, ତନିଶା ରାୱଲ ୬ଷ୍ଠ ରାଙ୍କ, ବାଣିଜ୍ୟ ସମ୍ମାନରେ ବର୍ଷା ବଗାର ୭ମ ରାଙ୍କ, ପ୍ରାଣୀ ବିଜ୍ଞାନରେ ପୁନମ ପ୍ରିୟା ବାରିକ ୭ମ ରାଙ୍କ, କମ୍ପ୍ୟୁଟର ବିଜ୍ଞାନରେ ଅର୍ଜୁ ମେହେର ୮ମ ରାଙ୍କ, ବାଣିଜ୍ୟ ସମ୍ମାନରେ ରାଜନନ୍ଦିନୀ ଦାଶ ୮ମ ରାଙ୍କ, ପଦାର୍ଥ ବିଜ୍ଞାନରେ ପ୍ରିୟଙ୍କା ବେହେରା ୮ମ ସ୍ଥାନ, ଇଂରାଜୀ ସମ୍ମାନରେ ଗାରିମା ରଥ ୮ମ ସ୍ଥାନ ଓ ଅନ୍ୱେଶା ପାଣିଗ୍ରାହୀ ୧୦ମ ରାଙ୍କ୍, କମ୍ପ୍ୟୁଟର ବିଜ୍ଞାନ ସମ୍ମାନରେ ଆୟୁଷ କୁମାର ସାହୁ ୧୦ମ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଛନ୍ତି। ବିଜ୍ଞାନ ବିଭାଗରେ ବିଭିନ୍ନ ସମ୍ମାନରୁ ୧୨ଜଣ, କଳାର ବିଭିନ୍ନ ସମ୍ମାନରୁ ୪ଜଣ ଓ ବାଣିଜ୍ୟ ସମ୍ମାନରୁ ୨ଜଣ ସହ ସର୍ବମୋଟ ୧୮ ଜଣ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ ତାଲିକା ମଧ୍ୟରେ ସ୍ଥାନ ପାଇ ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ବିକାଶ ଡିଗ୍ରୀ କଲେଜର ୧୭୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯ ସିଜିପିଏରୁ ଊର୍ଦ୍ଧ୍ୱ ୧୫ଜଣ, ୮ ସିଜିପିଏରୁ ଉଚ୍ଚ ୬୬ ଜଣ ସହ ବିଜ୍ଞାନରେ ୯୮ରୁ ୯୫ କଳାରେ ୪୬ ରୁ ୩୭ ଓ ବାଣିଜ୍ୟରେ ୩୨ରୁ ୨୪ ଜଣ ଫାଷ୍ଟକ୍ଲାସ ଅନର୍ସ ୱିଥ୍ ଓ ଡିଷ୍ଟିନସନ୍ ଉତ୍ତିର୍ଣ୍ଣ ହୋଇଥିବା ବେଳେ ପାସହାର ୯୫%ରହିଛି। ଏହି ସଫଳତା ପାଇଁ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ହର୍ଷ ଉଲ୍ଲାସ ବ୍ୟକ୍ତ କରିଥିବା ସହିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ କରିଛନ୍ତି। ବିକାଶ ଉଚ୍ଚ ଶିକ୍ଷା ବିଭାଗରେ ଉଚ୍ଚକୋଟୀର ଶିକ୍ଷା ପଦ୍ଧତି ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କ ବିଧିବଦ୍ଧ ମାର୍ଗଦର୍ଶନ ଛାତ୍ରଛାତ୍ରୀଙ୍କ ଅଧ୍ୟବସାୟର ଫଳାଫଳ ନିଦର୍ଶନ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟକ୍ଷ ପ୍ର. ସତ୍ୟବ୍ରତ ମିଶ୍ର ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଶାନ୍ତି ଶୃଙ୍ଖଳା ଓ ବ୍ୟକ୍ତିଗତ ମାର୍ଗ ହିଁ ଏହି ସଫଳତାର ମୂଳମନ୍ତ୍ର ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟର +୩ ଫଳାଫଳରେ ବିକାଶ ଡିଗ୍ରୀ କଲେଜର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଚିଫ୍ ଏଡମିନିଷ୍ଟ୍ରେଟିଭ୍ ଅଫିସର ଇଂ ଅଜୟ କୁମାର ମହାପାତ୍ର, ବରିଷ୍ଠ ଅଧିକାରୀ, ଡିନ୍ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଖୁସି ବ୍ୟକ୍ତ କରିଛନ୍ତି।




















## ଭିସୁଟ୍‌ରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାକୁ ନେଇ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୩୦।୪ (ସମିସ):** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଇ-ଲର୍ଣ୍ଣିଂ ସେଣ୍ଟରରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟର (ଡବ୍ଲ୍ୟୁଏସ୍‌ସି), ଭୁବନେଶ୍ୱର ସହଯୋଗରେ 'ବିଶ୍ୱ ଦକ୍ଷତା ପ୍ରତିଯୋଗିତା ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଇଣ୍ଟର୍ନସିପ୍ ସୁଯୋଗ' ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଶା ସ୍କିଲ୍ସର ରାଜ୍ୟ ନୋଡାଲ୍ ଅଫିସର ଇଂ ଚିନ୍ମୟୀ ସାବତ; ଡବ୍ଲ୍ୟୁଏସ୍‌ସିର ଉପ-ନିର୍ଦ୍ଦେଶକ (ମାନୁଫାକ୍‌ଚରିଂ) ଇଂ ଶୁଭାଶିଷ ଦାସ ଏବଂ ଉପ-ନିର୍ଦ୍ଦେଶକ (ଆଡମିଶନ) ଇଂ ବିକାଶ କୁମାର ଦାସଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆଲୋଚନାଚକ୍ର ଛାତ୍ରଛାତ୍ରୀଙ୍କୁ ଚାରି-ସ୍ତରୀୟ ରାଜ୍ୟ, ଆଞ୍ଚଳିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତର ମାଧ୍ୟମରେ ଜାପାନରେ (୨୦୨୮) ରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି କରିବାକୁ ଉତ୍ସାହିତ କରିଥିଲା। ଏହାସହିତ, 'ସ୍କିଲ୍ଡ ଇନ୍ ଓଡ଼ିଶା' ପଦକ୍ଷେପ ଅଧୀନରେ ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱରକୁ ବ୍ୟବହାରିକ ଶିକ୍ଷା ଏବଂ ଇଣ୍ଟର୍ନସିପ୍ କେନ୍ଦ୍ର ଭାବରେ ଉପସ୍ଥାପିତ କରାଯାଇଥିଲା। ଅଧିକାରୀମାନେ ଭିସୁଟ୍‌ର ବୈଷୟିକ କ୍ଲବ୍ ଏବଂ ପ୍ରୟୋଗଶାଳାଗୁଡ଼ିକୁ ମଧ୍ୟ ପରିଦର୍ଶନ କରିଥିଲେ ଏବଂ ସେମାନଙ୍କର ଏମ୍‌ଓୟୁକୁ ସୁଦୃଢ଼ କରିବା ଏବଂ ଇଣ୍ଟର୍ନସିପ୍ ସୁଯୋଗ ଡିଜାଇନ୍ କରିବା ପାଇଁ, କାର୍ଯ୍ୟନିର୍ବାହୀ କୁଳପତି ପ୍ରଫେସର ଡି. ମିଶ୍ରଙ୍କ ଅଧ୍ୟକ୍ଷତାରେ କୁଳସଚିବ, ଡିନ୍, ବିଭାଗୀୟ ମୁଖ୍ୟଙ୍କ ସହିତ ଆଲୋଚନା କରିଥିଲେ। ପ୍ରଫେସର ଜେ. ରାଣା, ପ୍ରଫେସର, ମେକାନିକାଲ୍ ଇଞ୍ଜିନିୟରିଂ, ପ୍ରଫେସର ଏଚ୍.କେ. ସାହୁ, ଡିନ୍ ଏଫ୍ ଆଣ୍ଡ ପି, ପ୍ରଫେସର ପି. ନନ୍ଦ, ପ୍ରଫେସର ଟି ଆଣ୍ଡ ପି ଏବଂ ପ୍ରଫେସର ଏସ୍.କେ. ସ୍ୱାଇଁ, ନିର୍ଦ୍ଦେଶକ ଆଇକ୍ୟୁଏସି ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ସସ୍ମିତା ବେହେରା, ଭିସୁଟ୍‌ର ଦକ୍ଷତା ପ୍ରତିଯୋଗିତାର ନୋଡାଲ୍ ଅଧିକାରୀ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ଅନୁସନ୍ଧାନ କରିବା ଏବଂ ଶ୍ରେଣୀଗୃହ ବାହାରେ ସେମାନଙ୍କର ଦକ୍ଷତାକୁ ନେଇଯିବାକୁ ପ୍ରେରଣା ଦେଇଥିଲା।






## ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ

**ସମ୍ବଲପୁର, ୩୦।୪ (ସମିସ):** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆଜି ଉତ୍ତରାଞ୍ଚଳ ପୋଲିସ ରେଞ୍ଜସ୍ତରୀୟ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଯୋଗଦେଇ ୮ ଜଣ ଦକ୍ଷ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସରେ ପୂର୍ବରୁ ଘୋଷିତ ପୋଲିସ ବିଭାଗରେ ଉଲ୍ଲେଖନୀୟ ସେବା ପାଇଁ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ଅତିରିକ୍ତ ଏସପି (ସମ୍ବଲପୁର) ଶ୍ରୀମନ୍ତ କୁମାର ବାରିକ, ଇନ୍ସପେକ୍ଟର (ବଲାଙ୍ଗୀର) ଅବନୀ କୁମାର ସାହୁ, ଇନ୍ସପେକ୍ଟର (ଝାରସୁଗୁଡ଼ା) ସମରେନ୍ଦ୍ର ନାୟକ, ଏଏସଆଇ (ସୋନପୁର) ରଞ୍ଜିତ କୁମାର ମହାପାତ୍ର, ଏଏସଆଇ (ବଲାଙ୍ଗୀର) ବୈକୁଣ୍ଠ ଦେହେରୀ ଓ କନଷ୍ଟେବଳ (ସମ୍ବଲପୁର) ତପସ୍ୱିନୀ ପଟେଲ। ତେବେ, ପଦକ ପାଇଁ ଚୟନ ହୋଇଥିବା ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଅନୁପସ୍ଥିତ ଥିବାରୁ ଅନ୍ୟ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଡିଜିପି ଶ୍ରୀ ଖୁରାନିଆ ପଦକ ବଣ୍ଟନ କରିଥିଲେ। ଏହି ଅବସରରେ ଏଡିଜି (ଆଇନଶୃଙ୍ଖଳା) ସଞ୍ଜୟ କୁମାର ଓ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମଞ୍ଚାସୀନ ଥିଲେ। ଡିଜିପି ଶ୍ରୀ ଖୁରାନିଆ ସମସ୍ତ ଡିଜି ପଦକ ବିଜେତାଙ୍କୁ ପ୍ରଶଂସା କରିବାସହ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ଲୋକଙ୍କ ସେବା ସକାଶେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।





## ସାଇବର ଅପରାଧ ନିୟନ୍ତ୍ରଣ ବଡ଼ ଆହ୍ୱାନ: ଡିଜିପି

**ସମ୍ବଲପୁର, ୩୦।୪ (ସମିସ)**

ସମ୍ବଲପୁରଠାରେ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବରେ ଯୋଗଦେଇ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ବର୍ତ୍ତମାନ ସାଇବର ଅପରାଧ ନିୟନ୍ତ୍ରଣ ଓଡ଼ିଶା ପୁଲିସ ପାଇଁ ବଡ଼ ଆହ୍ୱାନ ବୋଲି ମତବ୍ୟକ୍ତ କରିଛନ୍ତି। ଡିଜିପି ଖୁରାନିଆ କହିଥିଲେ ଯେ, ୨୦୨୫ ବର୍ଷ ଓଡ଼ିଶା ପୋଲିସ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ବର୍ଷ, ଏହି ବର୍ଷ ଓଡ଼ିଶା ପୁଲିସ ୯୦ ବର୍ଷ ପୂରଣକରି ୯୧ ବର୍ଷରେ ପଦାର୍ପଣ କରିଛି। ଏହି ବର୍ଷ ଓଡ଼ିଶା ପୁଲିସ ଅନେକ ଗୁଡ଼ାଏ ଉପଲବ୍ଧି କରିଛି। ତିନି ଦଶନ୍ଧି ଧରି ଆମ ରାଜ୍ୟ ମାଓବାଦର ମୁକାବିଲା କରୁଥିଲା, ଆଜି ଆମ ରାଜ୍ୟ ମାଓମୁକ୍ତ ହୋଇଛି ବୋଲି ଡିଜିପି କହିଥିଲେ। ତେବେ, ରାଜ୍ୟ ମାଓମୁକ୍ତ ହୋଇଥିଲେ ହେଁ ମାଓ ମୁକାବିଲା ପାଇଁ ଯେଉଁ ବ୍ୟବସ୍ଥା ଥିଲା, ତାହାକୁ ତୁରନ୍ତ କମ୍ କରାଯିବ ନାହିଁ। ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳ ଏବଂ ମାଓପ୍ରବଣ ଜଙ୍ଗଲ ଇଲାକାରେ ସତର୍କତା ବଜାୟ ରଖାଯିବ।

ସେ ଆହୁରି ମଧ୍ୟ କହିଲେ ଯେ, ଓଡ଼ିଶା ପୁଲିସ ପାଇଁ ସବୁଠୁ ବଡ଼ ଆହ୍ୱାନ ହେଉଛି ସାଇବର ଅପରାଧ। ରାଜ୍ୟ ସରକାର ୨୦ଟି ସାଇବର ଥାନା ଓ ଇକୋନୋମିକ ଅଫେନ୍ସ ୱିଙ୍ଗ୍ ଅନୁମୋଦନ କଲେ ଏବଂ ତାହା ଗତମାସରୁ କାର୍ଯ୍ୟକାରୀ ହୋଇଯାଇଛି। ପ୍ରତ୍ୟେକ ଜିଲ୍ଲାରେ ଏବେ ସାଇବର ଥାନା ରହିଛି। ଜାନୁଆରୀ ମାସରେ 'ସାଇବର କବଚ' ଅଭିଯାନ କରାଯାଇ ୪୫ ହଜାର ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ କରାଯାଇଥିଲା। ସେଥିରେ ୧୪୦୦ ମାମଲା ରୁଜୁ ହୋଇ ସଂଶ୍ଳିଷ୍ଟ ପ୍ରାୟ ୩୫୦ ଲୋକଙ୍କୁ ଗିରଫ ଏବଂ ୭ ହଜାରରୁ ଅଧିକ ଲୋକଙ୍କୁ ନୋଟିସ ଜାରି କରାଯାଇଥିଲା। ଏହି ଅଭିଯାନ ଦ୍ୱାରା ସାଇବର ଅପରାଧକୁ ନେଇ ଜନସଚେତନତା ସୃଷ୍ଟି ହୋଇଛି। ଯେଉଁମାନେ ସାଇବର ଅପରାଧରେ ସଂଶ୍ଳିଷ୍ଟ, ସେମାନେ ପୁଲିସର ନଜରରେ ରହିଛନ୍ତି ଏବଂ ଦଣ୍ଡବିଧାନ କରିବାକୁ ପୁଲିସର ପ୍ରକ୍ରିୟା ଜାରିରହିଛି ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ସାଇବର ଅପରାଧ ମୁକାବିଲା ସକାଶେ ପ୍ରତି ଜିଲ୍ଲାରେ ସାଇବର ଥାନା ଓ ଇକୋନୋମିକ୍ ଅଫେନ୍ସ ୱିଙ୍ଗ ଗଠନ କରାଯାଇଛି। ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ବିଭିନ୍ନ ସ୍ତରରେ ଉଚ୍ଚମାନର ତାଲିମ ଦିଆଯାଉଛି। ଅପରାଧୀ ମାନେ ଯେଭଳି ନୂଆ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି ତାହାକୁ ମୁକାବିଲା କରିବା ପାଇଁ ଓଡ଼ିଶା ପୁଲିସ ମଧ୍ୟ ସେଭଳି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ୨୦୨୬ ଅପ୍ରେଲ ପହିଲାରୁ ଓଡ଼ିଶା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ଅବକାରୀ ବିଭାଗ ଓ ଜଙ୍ଗଲ ବିଭାଗକୁ ସଙ୍ଗରେ ନେଇ ଗଞ୍ଜେଇ ଚାଷ ନଷ୍ଟକରିବା ସହ ବ୍ୟାପକ ଚଢ଼ଉ ଜାରି ରହିଛି। ବିଭିନ୍ନ ସମୟରେ ଗଞ୍ଜେଇ ଜବତ କରିବାସହ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଛି। ଜନସାଧାରଣଙ୍କ ସହଯୋଗରେ ଆସନ୍ତା ୩ ବର୍ଷ ମଧ୍ୟରେ ନିଶାମୁକ୍ତ ଅଭିଯାନରେ ସଫଳତା ପାଇଁ ପାରିବୁ ବୋଲି ଶ୍ରୀ ଖୁରାନିଆ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଓଡ଼ିଶା ପୋଲିସରେ ଥିବା କର୍ମଚାରୀ ଅଭାବକୁ ଦୂର କରିବା ପାଇଁ ରାଜ୍ୟ ସରକାର ୧୬ ହଜାରରୁ ଅଧିକ ନୂତନ ପଦବୀ ଅନୁମୋଦନ କରିଛନ୍ତି। ଶୀଘ୍ର ୟୁନିଫର୍ମ କମିଶନ ଜରିଆରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ଆଗାମୀ ତିନି ବର୍ଷ ମଧ୍ୟରେ ନିଯୁକ୍ତି ଓ ତାଲିମ ପ୍ରକ୍ରିୟାପରେ ଓଡ଼ିଶା ପୋଲିସର ସଂଖ୍ୟାରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଏହାଦ୍ୱାରା ପୁଲିସର ଗତିଶୀଳତା ଓ କାର୍ଯ୍ୟ କରିବା କ୍ଷମତାରେ ଉନ୍ନତି ହେବ। ଓଡ଼ିଶା ପୁଲିସ ବାହିନୀର କାର୍ଯ୍ୟ ଦକ୍ଷତାକୁ ନେଇ ଦେଶର ସର୍ବୋଚ୍ଚ ସମ୍ମାନ 'ପ୍ରେସିଡେଣ୍ଟ କଲର୍' ସମ୍ମାନ ମିଳିବାକୁ ଯାଉଛି ବୋଲି ଡିଜିପି ସୂଚନା ଦେଇଥିଲେ।

## ଜିଏମ୍‌ୟୁ ରାଜନୀତି ବିଜ୍ଞାନରେ ବିଜେପିର କର୍ମଶାଳା, ଛାତ୍ର ବିଜେଡିର ନିନ୍ଦା

**ସମ୍ବଲପୁର, ୩୦।୪ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ମାନଙ୍କୁ ବିଭାଗୀୟ ମୁଖ୍ୟ ବନ୍ଦିତା ମହାନନ୍ଦିଆ ଏକ ସେମିନାରରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ। ମାତ୍ର ସେଠାରେ ପହଞ୍ଚିବା ପରେ ଛାତ୍ରଛାତ୍ରୀ ମାନେ ବିଜେପି କର୍ମୀ, ବିଜେପି ଯୁବ ଜିଲ୍ଲା ସଭାପତି, ଏବିଭିପି ରାଜ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତ ଥିବା ଦେଖିବାକୁ ପାଇଥିଲେ, ଯେଉଁମାନେ କି ମହିଳା ସଂରକ୍ଷଣ ବିଲ୍ ସମ୍ବନ୍ଧରେ ବିରୋଧୀ ଦଳ ମାନଙ୍କର ନିନ୍ଦା ନିମନ୍ତେ ଏକ ଦସ୍ତାବିଜରେ ସ୍ୱାକ୍ଷର କରିବା ପାଇଁ କହିଥିଲେ ବୋଲି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅଭିଯୋଗ ହୋଇଛି। ଶିକ୍ଷାନୁଷ୍ଠାନରେ ବିଭାଗୀୟ ମୁଖ୍ୟ ବିଜେପି କର୍ମୀଙ୍କୁ, କର୍ମକର୍ତ୍ତାଙ୍କୁ ଆମନ୍ତ୍ରିତ କରି ଛାତ୍ରଛାତ୍ରୀଙ୍କୁ ମିଛ କହିଥିଲେ। ଏହି ବିଲ୍ ବିଷୟରେ ଗୋଟିଏ ପକ୍ଷ ରଖି କେବଳ ଦସ୍ତଖତ କରିବା ପାଇଁ ବାଧ୍ୟ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ରାଜନୈତିକ ଦଳର କାର୍ଯ୍ୟକ୍ରମ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଜଣେ ଅଧ୍ୟାପକ ତାର ଶିକ୍ଷାନୁଷ୍ଠାନରେ କୌଣସି ନିର୍ଦ୍ଦିଷ୍ଟ ଦଳକୁ ନେଇ ଶ୍ରେଣୀକକ୍ଷରେ ପକ୍ଷପାତିତା କରିବା ଆଦୌ ଗ୍ରହଣୀୟ ନୁହେଁ। ଛାତ୍ରଛାତ୍ରୀମାନେ ନିଜସ୍ୱ ବିବେକ ଅନୁଯାୟୀ କୌଣସି ଦଳର କିମ୍ବା ସରକାରଙ୍କ ଯେକୌଣସି ପଦକ୍ଷେପକୁ ଆଲୋଚନା କିମ୍ବା ସମାଲୋଚନା କରିବା ସେମାନଙ୍କର ଅଧିକାର କିନ୍ତୁ ଜଣେ ଅଧ୍ୟାପକ ନିଜର ପଦର ଗାରିମାକୁ ତଳେ ପକାଇ କିଛି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମିଳିତ ସହଯୋଗରେ ଛାତ୍ରଛାତ୍ରୀ ମାନଙ୍କୁ ସାମୁହିକ ଭାବେ ବିରୋଧ କରିବା ପାଇଁ ଉତ୍ସାହିତ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ଛାତ୍ର ବିଜେଡି ପକ୍ଷରୁ ପ୍ରେସବିଜ୍ଞପ୍ତିରେ କୁହାଯାଇଛି।

ବିଶ୍ୱବିଦ୍ୟାଳୟର କକ୍ଷକୁ ଭଡ଼ାରେ ନେବା, ଆଲୋଚନା କରିବା, ସେମିନାର କରିବାର ସୁଯୋଗ ସମସ୍ତଙ୍କୁ ମିଳୁ, କିନ୍ତୁ କୌଣସି ଏକ ବିଭାଗ ଦ୍ୱାରା ରାଜନୈତିକ ଦଳର କାର୍ଯ୍ୟକ୍ରମ କରିବାକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନିନ୍ଦା କରାଯାଇଛି। ବିଶ୍ୱବିଦ୍ୟାଳୟରେ ଥିବା ଅଧ୍ୟାପକ ଅଧ୍ୟାପିକାମାନେ ମଧ୍ୟ ବିଜେପି ଏବିଭିପି କାର୍ଯ୍ୟକ୍ରମରେ ଯୋଗଦାନ କରିବା ଏବଂ ସେହି ନିର୍ଦ୍ଦିଷ୍ଟ ଦଳର କର୍ମୀ କର୍ମକର୍ତ୍ତାଙ୍କୁ ବିଭାଗୀୟ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରି ରାଜନୈତିକ ଦଳର କାର୍ଯ୍ୟକ୍ରମ କରିବା ନିନ୍ଦନୀୟ। କୌଣସି ବି ଅଧ୍ୟାପକ କିମ୍ବା ଅଧ୍ୟାପିକା ଚାକିରିରୁ ଇସ୍ତଫା ଦେଇ ରାଜନୈତିକ କାର୍ଯ୍ୟକ୍ରମ କରିପାରନ୍ତି କିନ୍ତୁ ବିଶ୍ୱବିଦ୍ୟାଳୟକୁ ରାଜନୈତିକ ଦଳର ଆଖଡ଼ା ଶାଳ କରିବା ପାଇଁ ଦିଆଯିବ ନାହିଁ ବୋଲି ଛାତ୍ର ବିଜେଡି ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ରୁମନ କୁମାର ପ୍ରଧାନ, ଆର୍ଯ୍ୟନ ବହିଦାର, ଜଗା ସେଠି, ମୋହିତ ଦାସ, ପ୍ରଭାତ ସାହୁ, ଅଙ୍କିତ ପ୍ରଧାନ, ପ୍ରୟାସ କୁମାର ନାଥ, ଆକାଶ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଗଛରେ ପିଟିହେଲା କାର୍, ଚାଳକ ମୃତ



**ସମ୍ବଲପୁର, ୩୦।୪ (ସମିସ):** ସମ୍ବଲପୁର ମହାନଗର ଅନ୍ତର୍ଗତ ହୀରାକୁଦର ବୁଢ଼ାକଟା ରାସ୍ତାରେ ଏକ ସଡ଼କ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ହୀରାକୁଦରୁ ଗୋଟିଏ ପରିବାର ଚାଳକ ସହ ବୁଢ଼ାକଣ୍ଠା ଶିବ ମନ୍ଦିରକୁ ଯାଇଥିଲେ। ଗାଡ଼ି ଚାଳକ ପରିବାରକୁ ଛାଡିଲା ପରେ ମାଲିକଙ୍କ ସାନ ପୁଅକୁ ଧରି ବାହାରିଥିଲା। ଏହି ସମୟରେ କୌଣସି କାରଣବଶତଃ ଗାଡିଟି ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ଗଛକୁ ପିଟିଥିଲା। ଯାହା ଫଳରେ ଚାଳକ ଗୁରୁତର ଆହତ ହୋଇଥିଲେ। ମାଲିକଙ୍କ ନାବାଳକ ପୁଅର ହାତ ଭାଙ୍ଗିଯାଇଛି। ତୁରନ୍ତ ଦୁଇଜଣଙ୍କୁ ବେସରକାରୀ ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ହୀରାକୁଦ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

■ ରେଢ଼ାଖୋଲରେ କାଳବୈଶାଖୀ ତାଣ୍ଡବ

## ଉଡ଼ିଗଲା ଘର ଛପର, ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ, ଗଛ

**ରେଢ଼ାଖୋଲ, ୩୦।୪ (ସମିସ):** ପ୍ରକୃତିର ତାଣ୍ଡବ ହଠାତ ଆସିଲା କିଛି କ୍ଷଣରେ ସବୁ କିଛି ଚୁରମାର କରିଦେଇ ଚାଲିଗଲା। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କୁକୁଡ଼ାବାହାଲି ପଞ୍ଚାୟତ କୁହ୍ଲମଳିଆ ଗ୍ରାମରେ କାଳବୈଶାଖୀ ତାଣ୍ଡବ ଲୀଳାରେ ବିଦ୍ୟୁତ୍ ଖମ୍ବ ଏବଂ ଟ୍ରାନ୍ସଫର୍ମର ଭାଙ୍ଗି ପଡ଼ିଥିବା ବେଳେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇପଡ଼ିଛି। ଫଳରେ ଗ୍ରାମ ଗୁଡିକରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସେହିପରି ରେଢ଼ାଖୋଲ ସହର ସହିତ ବିଭିନ୍ନ ପଞ୍ଚାୟତ ଗ୍ରାମ ଗୁଡିକରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବରେ ଲୋକଙ୍କ ଘରର ଚାଳ ଛପର ଉଡ଼ି ଯାଇଛି। ବୃକ୍ଷ ଗୁଡ଼ିକ ଉପୁଡ଼ି ପଡ଼ି ଘରମାନଙ୍କରେ ମାଡ଼ି ବସିଥିବା ଦେଖିବାକୁ ମିଳିଛି। ରାସ୍ତା କଡ଼ରେ ଥିବା ବଡବଡ ବୃକ୍ଷଗୁଡ଼ିକ ଉପୁଡ଼ି ପଡ଼ି ଗାଁ ଗୁଡ଼ିକୁ ରାସ୍ତା ବିଚ୍ଛିନ୍ନ ହୋଇଯାଇଛି। କାଳବୈଶାଖୀ ପ୍ରଭାବରେ ରେଢ଼ାଖୋଲ ଅଞ୍ଚଳରେ ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ତାର ଉପରେ ଗଛ ପଡ଼ିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।





## କେନ୍ଦୁପତ୍ର ସଂଗ୍ରହ ଚାଲିଛି; ଦର ଧାର୍ଯ୍ୟ ହୋଇନି

**ସମ୍ବଲପୁର, ୩୦।୪ (ସମିସ) :** ରାଜ୍ୟର କେନ୍ଦୁପତ୍ର ଉତ୍ପାଦିତ ୧୯ଟି ଡିଭିଜନରେ ଏପ୍ରିଲ ୧୦ ତାରିଖରୁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ସରକାର କେନ୍ଦୁପତ୍ର କେରି ପ୍ରତି ଦର ଧାର୍ଯ୍ୟ କରିପାରିଲେ ନାହିଁ। ଆହୁରି ମଧ୍ୟ ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କୁ କେନ୍ଦୁପତ୍ର ସଂଗ୍ରହ ପୂର୍ବରୁ ଦିଆଯାଇଥିବା ବୋନସ ମଧ୍ୟ ସରକାର ଘୋଷଣା କଲେ ନାହିଁ। ସେହିପରି ମାସିକ ମଜୁରୀ ଘୋଷଣା ହୋଇପାରିଲା ନାହିଁ। ଏ ସମ୍ପର୍କୀୟ କେନ୍ଦୁପତ୍ର ଉନ୍ନୟନ ପରିଷଦ ବୈଠକ ମଧ୍ୟ ବସି ପାରିଲା ନାହିଁ କିମ୍ବା ଏସବୁ ନିଷ୍ପତ୍ତି ହୋଇ ପାରିଲା ନାହିଁ। ଏହି ପ୍ରସଙ୍ଗରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ଗଭୀର ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ, ଚଳିତବର୍ଷ ବର୍ତ୍ତମାନ ବର୍ତ୍ତମାନ ସୁଦ୍ଧା ସରକାର କେନ୍ଦୁପତ୍ର କେରି ପ୍ରତି ଦର ଓ ବୋନସ ଘୋଷଣା କରି ନ ଥିବା ଏକ ଐତିହାସିକ ରେକର୍ଡ। ସେହିପରି ସର୍ବନିମ୍ନ ମଜୁରୀ ୨୦୨୪ ମସିହା ଜୁଲାଇ ୧୮ ତାରିଖରୁ ସରକାର ଘୋଷଣା କରିଥିଲେ ମଧ୍ୟ ସେହି ଅନୁପାତରେ ପ୍ରାୟ ଦୁଇ ବର୍ଷ ହେବ ସେମାନଙ୍କ ମାସିକ ମଜୁରୀ ମଧ୍ୟ ନିର୍ଦ୍ଧାରିତ ହୋଇ ପାରିଲା ନାହିଁ। ବନ୍ଧେଇ ଶ୍ରମିକ ମାନଙ୍କ ମଧ୍ୟ ବଣ୍ଡଲ ପ୍ରତି ଦର ବୃଦ୍ଧି ହୋଇ ନାହିଁ। ମୃତ୍ୟୁକାଳୀନ ଆର୍ଥିକ ସହାୟତାର ବୃଦ୍ଧି ହେଉନାହିଁ। ଏହିସବୁ ଘୋଷଣା ସାଧାରଣତଃ ଫେବୃଆରୀ କିମ୍ବା ମାର୍ଚ୍ଚ ମାସରେ ହୋଇଥାଏ, ଆର୍ଥିକ ସହାୟତା ମଧ୍ୟ ମିଳିଥାଏ। ଆହୁରି ମଧ୍ୟ ବର୍ତ୍ତମାନର ସରକାରୀ ଦଳ ଗତ ୨୦୨୪ ମସିହା ନିର୍ବାଚନରେ କେନ୍ଦୁପତ୍ର କେରି ପ୍ରତି ଦର ୨ ଟଙ୍କା ଏବଂ ବୋନସ ବୃଦ୍ଧିର ମଧ୍ୟ ଘୋଷଣା କରିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ଚଳିତବର୍ଷ ସରକାର ଆଜି ପର୍ଯ୍ୟନ୍ତ ଏହିସବୁ ଘୋଷଣା କଲେ ନାହିଁ।

**୨ରେ ପଞ୍ଚାୟତ ସମ୍ମୁଖରେ ଧାରଣା ଦେବେ କେନ୍ଦୁପତ୍ର ତୋଳାଳି**

ଫଳରେ ରାଜ୍ୟର ଲକ୍ଷ ଲକ୍ଷ ତୋଳାଳି, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକ ଆର୍ଥିକ କ୍ଷତି ମଧ୍ୟରେ ଥାଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏପରିକି ଗତ ଦୁଇ ମାସ ତଳେ କେନ୍ଦୁପତ୍ର ଗୋଛା କଟାଳି ଶ୍ରମିକଙ୍କ ମଜୁରୀ ମିଳିନାହିଁ। ଏହି ସବୁ ସମସ୍ୟା ସମ୍ପର୍କୀୟ ସରକାରଙ୍କ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହିତ ବାରମ୍ବାର ଆଲୋଚନା ହୋଇଛି। ଗତ ଫେବୃଆରୀ ୨୦ ଓ ୨୧ ତାରିଖରେ ପ୍ରାୟ ୧୦୦ଟି ରେଞ୍ଜରେ ଗଣଧାରଣା ଦିଆଯାଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଏପରିକି ଫେବୃଆରୀ ୨୭ ତାରିଖରେ ରାସ୍ତାରୋକ୍ ଆନ୍ଦୋଳନ ହେବାକୁ ଯାଉଥିବା ବେଳେ ସରକାରଙ୍କ ଅନୁରୋଧକ୍ରମେ ଏହାକୁ ସ୍ଥଗିତ ରଖି ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସହିତ ମାର୍ଚ୍ଚ ୨ ତାରିଖରେ ସଚିବାଳୟରେ ଆଲୋଚନା ହେବା ସତ୍ତ୍ୱେ ଦାବି ପୂରଣରେ ଅହେତୁକ ବିଳମ୍ବ ହୋଇ ବର୍ତ୍ତମାନ କେନ୍ଦୁପତ୍ର ସଂଗ୍ରହ ଅଧା ହେବାକୁ ବସିଥିଲେ ମଧ୍ୟ ଦାବିପୂରଣ ହେଲା ନାହିଁ।

ଆନ୍ତର୍ଜାତିକ ଶ୍ରମିକ ଦିବସରେ ଲକ୍ଷ ଲକ୍ଷ ତୋଳାଳି, ଶ୍ରମିକ, ସିଜିନାଲ କର୍ମଚାରୀମାନେ ସରକାରଙ୍କ ଉଦାସୀନତା ଓ ଅବହେଳାର ପ୍ରତିବାଦରେ ଏବଂ ଦାବିପୂରଣ ପାଇଁ କଳାବ୍ୟାଜ ପରିଧାନ କରିବାକୁ ଏବଂ ମଇ ୨ ତାରିଖରେ ରାଜ୍ୟର ପ୍ରାୟ ୨୦୦୦ ପଞ୍ଚାୟତରେ ଗଣଧାରଣା ଦେଇ ମୁଖ୍ୟମନ୍ତ୍ରୀଙ୍କୁ ହଜାର ହଜାର ଦସ୍ତଖତ ସମ୍ବଳିତ ଚରମ ସ୍ମାରଣପତ୍ର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜରିଆରେ ପଠେଇବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସଂଘର ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ପ୍ରକାଶ କରିଛନ୍ତି। ସଂଘର ଆହ୍ୱାନ ଅନୁଯାୟୀ ସମ୍ବଲପୁର ଡିଭିଜନର ୫୦ଟି ଗ୍ରାମ ପଞ୍ଚାୟତରେ ହଜାର ହଜାର ତୋଳାଳୀ କର୍ମଚାରୀମାନେ ଧାରଣା ସାମିଲ ହେବେ ବୋଲି ରାଜ୍ୟ ଉପସଭାପତି ତଥା ଡିଭିଜନ ସମ୍ପାଦକ ଗୋକୁଳ ମେହେର ପ୍ରକାଶ କରିଛନ୍ତି।

## ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ଫଳ ପ୍ରକାଶିତ

### ସେଣ୍ଟ ଜୋସେଫ୍ସ କନଭେଣ୍ଟ ସ୍କୁଲ

**ସମ୍ବଲପୁର, ୩୦।୪ (ସମିସ) :** ସେଣ୍ଟ ଜୋସେଫ୍ସ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲ୍ ଛାତ୍ରଛାତ୍ରୀମାନେ ଚଳିତବର୍ଷ ଆଇସିଏସ୍‌ଇ ଦଶମ ଏବଂ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଆଇସିଏସ୍‌ଇ ଦଶମ ପରୀକ୍ଷାରେ ୩୮ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ମାର୍କ ହାସଲ କରିଥିବାବେଳେ ୨୧୫ ଜଣ ଛାତ୍ରଛାତ୍ରୀ ୬୦%ରୁ ଅଧିକ ପାଇଛନ୍ତି। ବିଦ୍ୟାଳୟର ଆର୍ଣ୍ଣବ ସଞ୍ଜିବ ମିଶ୍ର ୯୮% ମାର୍କ ସହ ବିଦ୍ୟାଳୟ ଟପ୍ପର୍ ହୋଇଥିବାବେଳେ, ଇଶାନ ଗୁପ୍ତା ୯୭.୬% ସହ ଦ୍ୱିତୀୟ ସ୍ଥାନ ଓ ଶକ୍ତି ମହାପାତ୍ର ୯୭.୨% ସହ ତୃତୀୟ ସ୍ଥାନରେ ରହିଛନ୍ତି।









ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ୧୨ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ଏବଂ ୪୬ ଜଣ ୬୦%ରୁ ଅଧିକ ମାର୍କ ରଖିଛନ୍ତି। ସାଇନ୍ସ ଷ୍ଟ୍ରିମରେ ଦେବାଂଶ ପ୍ରଧାନ ୯୮.୫% ମାର୍କ ସହ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ସୁଶାନ୍ତ ଖାଲକୋ ୯୬% ଓ ଅଭିଲାଷ ଭାରଦ୍ୱାଜ ୯୫.୩% ମାର୍କ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। କମର୍ସ ଷ୍ଟ୍ରିମରେ ସନ୍ମୁଖ ଲାଠ୍ ୯୨.୩% ସହ ଶୀର୍ଷସ୍ଥାନରେ ଥିବାବେଳେ, ପ୍ରିୟାଂଶ ତିବ୍ରେୱାଲ ୯୨% ସହ ଦ୍ୱିତୀୟ ଏବଂ ଭୂମି ସରାଫ ୮୮.୩% ମାର୍କସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ହ୍ୟୁମାନିଟିଜ୍ ଷ୍ଟ୍ରିମରେ ତନ୍ୱୀ ଶର୍ମା ୯୮.୫% ମାର୍କ ସହ ଶୀର୍ଷରେ ଥିବାବେଳେ, ସୌରଭ ମହାନ୍ତି ୯୫% ଓ ନାଜିଆ ପରବୀନ ୯୦.୮% ମାର୍କ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। ସ୍କୁଲର ପ୍ରବନ୍ଧନ, ପ୍ରଧାନ ଅଧକ୍ଷା ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ତାଙ୍କ ପରିଶ୍ରମ ଓ ଅଟଳ ସମର୍ପଣ ପାଇଁ ଅଭିନନ୍ଦନ ଜଣାଇବାସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ସେଣ୍ଟ ଜୋନ୍‌ସ ସ୍କୁଲ

**ସମ୍ବଲପୁର:** ସେଣ୍ଟ ଜୋନ୍‌ସ ସ୍କୁଲ୍ ଛାତ୍ରଛାତ୍ରୀମାନେ ଚଳିତବର୍ଷ ଆଇସିଏସ୍‌ଇ ଦଶମ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଆଇସିଏସ୍‌ଇ ଦଶମ ପରୀକ୍ଷାରେ ୧୧ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ମାର୍କ ହାସଲ କରିଥିବାବେଳେ ୩୭ ଜଣ ଛାତ୍ରଛାତ୍ରୀ ୮୦% ରୁ ୮୯%, ୭୦ ଜଣ ୬୦%ରୁ ୭୯% ମାର୍କ ରଖିଛନ୍ତି। ଚଳିତବର୍ଷ ପରୀକ୍ଷାଫଳ ୯୮ ପ୍ରତିଶତ ହୋଇଛି। ବିଦ୍ୟାଳୟର ସୌମ୍ୟା ସିଂହ ୯୮.୮% ମାର୍କ ସହ ବିଦ୍ୟାଳୟ ଟପ୍ପର୍ ହୋଇଥିବାବେଳେ, ରିଶିକ୍ ନାର୍‌ନୋଲିଆ ୯୬.୬% ଦ୍ୱିତୀୟ, ସ୍ୱାଗତ ଦାସ ୯୫.୬% ତୃତୀୟ, ରୋନକ ଆର୍ଯ୍ୟନ ୯୫.୨% ଚତୁର୍ଥ ଏବଂ ଶୈଳଜା ସାମଲ ୯୫% ପଞ୍ଚମ ସ୍ଥାନରେ ରହିଛନ୍ତି। ସ୍କୁଲର ଅଧକ୍ଷ ଫାଦର ଫିଲିପ୍ ସେବାଷ୍ଟିନ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବାସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




10001/92/2627



# ଅଂଶୁଘାତ ସତର୍କତା



**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0009

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

# ନୃସିଂହନାଥ ବୈଶାଖ ମେଳା: ଚତୁର୍ଦ୍ଦଶୀରେ ମହାପ୍ରଭୁଙ୍କ ଜନ୍ମୋତ୍ସବ





## ଲକ୍ଷାଧିକ ଦର୍ଶକଙ୍କ ଭିଡ଼



ପାଇକମାଳ, ୩୦।୪(ସମିସ): ନୃସିଂହନାଥ ପିଠରେ ମହାପ୍ରଭୁଙ୍କ ଜନ୍ମୋତ୍ସବ ଚତୁର୍ଦ୍ଦଶୀ ତିଥି ଥିବାରୁ ଗୁରୁବାର ଭଗବାନ ନୃସିଂହନାଥ ପ୍ରଭୁଙ୍କ ଜନ୍ମୋତ୍ସବ ପାଳନ କରାଯାଉଛି। ରାତିରେ ମହାପ୍ରଭୁ ନୃସିଂହନାଥଙ୍କୁ ସ୍ନାନ କରାଇ ଅଭିଷେକ କରାଯାଇ ନୂତନ ବସ୍ତ୍ର ଅଳଙ୍କରରେ ଶୃଙ୍ଗାର ହୋଇ ସୁସଜିତ ବେଶ କରାଯାଇଥିଲା। ସନ୍ଧ୍ୟାରେ ହୋମପୂଜାରେ କର୍ତ୍ତା ମନ୍ଦିର ଟ୍ରଷ୍ଟି ଦେବାଶିଷ ସିହ୍ନାଏବଂ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ତୁଲାଇଥିଲେ। ହୋମ ପୁଜାରେ ମନ୍ଦିର କୁଳ ପୁରୋହିତ ସୁନିଲ ପୁରୋହିତ, ମନ୍ଦିର ମୁଖ୍ୟ ପୂଜକ ସୁଜ୍ଞାନ୍ତ ତ୍ରିପାଠୀ, ସିର୍ଦ୍ଧାଥ ପୁରୋହିତ, ମନମିତ ପୁରୋହିତ, ଆଜାଦ ମାଝି, ଶୁଭମ ପୁଝାରି, ସୋଭିତ ପଣ୍ଡା ପ୍ରମୁଖ ପୂଜାଅର୍ଚ୍ଚନା କରିବା ପରେ ଆଳତି କରାଯାଇଥିଲା। ପରେ ମନଭଙ୍ଗ ଗ୍ରାମର ଆଦିକନ୍ଧ ସମାଜ ଦ୍ୱାରା ପିଠକନ୍ଧା ଭୋଗ ଲାଗି ହେଲାପରେ ମହାଦୀପ ଉଠିଥିଲା। ରାତ୍ର ୧୦ ଘଟିକାରେ ଚୁଡାମଣି ଭୁଏଙ୍କ ଦ୍ୱାରା ଧ୍ୱଜାବନ୍ଧନ କରାଯାଇଥିଲା। ୪ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ମୁଖ୍ୟ ପଣ୍ଡିତ ଡିଗ୍ରୀଧର ଦେବତା, ରଙ୍କମଣି ଦେବତା, ସିଦ୍ଧେଶ୍ୱର ସାବତଙ୍କ ସମେତ ୧୩ଜଣ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଛି। ଗୁରୁବାର ୩୦ହଜାର ୪୦୦ ଜପ କରିଥିବା ବେଳେ ମୋଟ ୧ଲକ୍ଷ ୨୮ ହଜାର ୪ଶହ ନୃସିଂହ ବିଜେମନ୍ତ୍ର ଜପ କରାଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ମାର୍ଜାର କେଶରୀ ମଣ୍ଡପରେ ମାର୍ଜାରକେଶରୀ ସାଂସ୍କୃତିକ ମଞ୍ଚ: ଆଜିର ଅତିଥି ଭାବେ ଶଙ୍କର ଭୁଏ (ଧ୍ୱଜାରୋହୀ) ସୁବୋଧ ପଣ୍ଡା ବରିଷ୍ଠ ସେବାୟତ) ଅନିରୁଦ୍ଧ ମଲ୍ଲିକ ଆଦିକନ୍ଧ ସମାଜ ସଭାପତି, ଗିରୀଶ ଚନ୍ଦ୍ର ନାୟକ ବ୍ରାହ୍ମଣ ସମାଜ ସଭାପତି, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳା କମିଟି ସଦସ୍ୟ ଅଧ୍ୟାପକ ସୁଶାନ୍ତ ମିଶ୍ର ସଭାକୁ ପରିଚାଳନା କରିଥିଲେ। ନୃସିଂହନାଥ ବୈଶାଖ ମେଳାରେ ଗୁରୁବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହନୁମାନ ବାଟିକା ମାର୍ଜାରକେଶରୀ ମଣ୍ଡପରେ ଦୁଲଦୁଲି ନୃତ୍ୟ ସଙ୍ଗୀତ ସମିତି ପଦ୍ମପୁର,ଘୁଡୁକା ନୃତ୍ୟ ସ୍ୱପ୍ନାଞ୍ଜଳୀ ନୃତ୍ୟ ଏକାଡେମୀ ସୋନପୁର,ଦୁଲାବିହା ପାଉଲି କଳା ପରିଷଦ ବୌଦ୍ଧ, ପଶୁମୁଖା ନୃତ୍ୟ ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ଗଞ୍ଜାମ, ବଜନିଆ ଛୁମକୁଛୁମା କଳା ପରିଷଦ, ସିଂହନପାଲି, ରଣପା ପବିତ୍ର କ୍ରିୟେସନ ଗଞ୍ଜାମ ପରିବେଷଣ କରିଥିଲେ। ପରେ ମୁଷିକ ଦତ୍ୟ ଭୁମିକାରେ ଗୋପାଳ ସାହୁ ନିଖୁଣ ଅଭିନୟ ପରିବେଷଣ କରିଥିଲେ।ବିନ୍ଧ୍ୟ ବାସିନୀ ମଞ୍ଚରେ ଜୟ ଜଗନ୍ନାଥ ଭଜନ ସନ୍ଧ୍ୟା ବାଗବାଡ଼ି, ପ୍ରଭାତି ସଂକୀର୍ତ୍ତନ ମଣ୍ଡଳୀ, ମୁନିକେଲ, ଶ୍ରୀରାମ ପ୍ରବଚନ ଭଜନ ପାର୍ଟି ଘୁଚାପାଲି , ମାର୍ଜାର କେଶରୀ ଭୂତମୁଣ୍ଡା ଦଳ ନୃତ୍ୟ ପରିବେଷଣ କରିଥିଲେ। ମେଳା କମିଟି ସଦସ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

ନୃସିଂହନାଥ ପୀଠରେ ପ୍ରସିଦ୍ଧ ବୈଶାଖ ମେଳାର ୫ମ ଦିନ ତଥା ପ୍ରଭୁ ନୃସିଂହନାଥ ଭଗବାନଙ୍କ ଜନ୍ମଦିନ ଥିବାରୁ ଲକ୍ଷାଧିକଶ୍ରଦ୍ଧାଳୁ, ଭକ୍ତ ତଥା ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା।

ଗୁରୁବାର ସକାଳେ ଚାଲଧାର ଝରଣାରେ ଲକ୍ଷାଧିକ ଭକ୍ତମାନେ ସ୍ନାନ କରି ଭଗବାନ ଦର୍ଶନ କରିଛନ୍ତି। କିଏ ନିଜ ପରିବାର, ପ୍ରିୟଜନ, ସାଙ୍ଗସାଥି ହୋଇ ବୈଶାଖ ମେଳାରେ ମଜା ନେଉଛନ୍ତି। ମୀନା ବଜାର ସାଙ୍ଗକୁ ଦୋକାନ ବଜାରଗୁଡିକରେ ଲୋକେ ଭିଡ଼ ଦେଖିବାକୁ ମିଳିଥିଲା। ବୈଶାଖ ମେଳା କମିଟିର ସଭ୍ୟମାନେ ନିଜ ନିଜର ଦାୟିତ୍ୱ ତୁଲାଉଥିବା ବେଳେ ପୋଲିସ ବିଭାଗ, ପାନୀୟ ଯୋଗାଣ ବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଦମକଳ ବିଭାଗ କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ତୁଲାଉଛନ୍ତି। ପୁଲିସ ବିଭାଗ ତରଫରୁ ବ୍ୟାପକ ପୁଲିସ ମୁତୟନ କରି ପଦ୍ମପୁର ଏସଡିପିଓ ପାଣ୍ଡବ ଶବର ନିଜେ ତଦାରଖ କରୁଛନ୍ତି।

## ବୈଶାଖ ମେଳାରେ ସେବାକାର୍ଯ୍ୟ








ପ୍ରସିଦ୍ଧ ପବିତ୍ର ନୃସିଂହନାଥ ବୈଶାଖ ମେଳା ଅବସରରେ ଭାରତ ସ୍କାଉଟ୍ ଓ ଗାଇଡ୍, ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ବରଗଡ଼ ଓ ପାଇକମାଳ ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଦୁଇ ଦିନ ଧରି ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମ ନୃସିଂହନାଥ ସଂସ୍କୃତ ବିଦ୍ୟା ନିକେତନ ସମ୍ମୁଖରେ ଆୟୋଜିତ ହୋଇଥିଲା। ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବ୍ଲକ ସଂଯୋଜକ ରାଧେଶ୍ୟାମ ମେହେର, ସଦାନନ୍ଦ ମହାକୁଡ, ନୃସିଂହନାଥ ସଂସ୍କୃତ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷକ ପ୍ରମୋଦ ପଧାନ, ସ୍କାଉଟ୍ ଶିକ୍ଷକ ଆନନ୍ଦ ଭୋଇ, ଶିକ୍ଷକ ନରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଭାରତୀୟ କିସାନ ସଂଘ, ପାଇକମାଳ ବ୍ଲକ୍ ପକ୍ଷରୁ ମଧ ଶ୍ରଦ୍ଧାଳୁଙ୍କ ପାଇଁ ଜଳ ସେବା ଆୟୋଜନ କରାଯାଇଛି। ଜିଲ୍ଲା ସଭାପତି ପିତାମ୍ବର ସାହୁ, ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ, ମହିଳା ପ୍ରମୁଖ ସଂଘମିତ୍ରା ପଟେଲ, ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ଓ ଜିଲ୍ଲା ସମ୍ପାଦକ କବିରାଜ ସାହୁ ସହଯୋଗ କରୁଛନ୍ତି। ଅନ୍ୟପକ୍ଷେ ଆପ୍ରାଇଜ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ ପକ୍ଷରୁ ମଧ ବୈଶାଖ ମେଳାରେ ଜଳ ସେବା କରାଯାଇଛି। ପାଇକମାଲ ବ୍ଲକ୍ ଅଧ୍ୟକ୍ଷା ଭାବନା ସିଂ, ଗୌତମ ସିଂ, ମୁକ୍ତା ରଣା, କିଶୋର ଯାଦବ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରୁପର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଇଂ. ଜଗଦୀଶ ଚନ୍ଦ୍ର ବେହେରାଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ଗ୍ରୁପର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡକ୍ଟର ମୁକୁନ୍ଦ ଦାଶ କହିଛନ୍ତି। ଆକାଶ ବାଗ ଏବଂ ବବଲୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଅଧ୍ୟାପକ ରମେଶ ଚନ୍ଦ୍ର ସୂପକାରଙ୍କ ଅବସର




ସୋହେଲା,୩୦।୪(ସମିସ): ସୋହେଲା ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଡ଼ ରମେଶ ସୂପକାର ଗୁରୁବାର ତାଙ୍କ ଚାକିରିଜୀବନରୁ ଅବସରଗ୍ରହଣ କରିଛନ୍ତି। ତାଙ୍କ ପାଇଁ କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦାୟୀ ଅଧ୍ୟାପକ ଡ଼ ସୂପକାରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମିଶ୍ର ବିଦାୟୀ ଅଧ୍ୟାପକ ରମେଶ ଚନ୍ଦ୍ର ସୁପକାରଙ୍କ ଅବସରକାଳୀନ ଜୀବନ ସୁଖମୟ ହେବା ପାଇଁ କାମନା କରିଥିଲେ। ଶିକ୍ଷା ବିଭାଗର ଛାତ୍ରଛାତ୍ରୀ ଅଧ୍ୟାପିକା ଡ଼ଃ ସୁନୀତି ଦାଶ ଇଂରାଜୀ ବିଭାଗର ପ୍ରାଧ୍ୟାପିକା ଜୟଶ୍ରୀ ସାହୁ ଅଧ୍ୟାପକ ଡ଼ଃ ରମେଶ ଚନ୍ଦ୍ର ସୂପକାରଙ୍କ ପ୍ରାକ୍ତନ ଛାତ୍ର ଡ଼ଃ ତୁଷାରକାନ୍ତ ସାହୁ,ତୁଳସୀରାମ ପାଣି ଓ ରାଜକୁମାର ପଧାନ ପ୍ରମୁଖ ସଭାରେ ଉପସ୍ଥିତ ରହି ଅଧ୍ୟାପକ ଡ଼ଃ ସୂପକାରଙ୍କ ସୁଦୀର୍ଘ ଗରିମାମୟ ଶୈକ୍ଷିକ ଇତିହାସର ସ୍ମୃତିଚାରଣ କରିଥିଲେ।ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।ଶେଷରେ ଅଧ୍ୟାପକ ଡ଼ଃ ରମେଶ ଚନ୍ଦ୍ର ସୂପକାର ଶିକ୍ଷାନୁଷ୍ଠାନରେ ନିଜର ସୁଦୀର୍ଘ ୩୬ ବର୍ଷର ଶୈକ୍ଷିକ ଇତିହାସର ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ବରଗଡ଼,୩୦।୪(ସମିସ): ବରଗଡ଼ସ୍ଥିତ ଉଠା ଜଳସେଚନ କାର୍ଯ୍ୟାଳୟ ପରିସରରେ ଚାଷୀଙ୍କ ତରଫରୁ ଏକ ଭବ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚାଷୀମାନେ ଉପସ୍ଥିତ ରହି ଉଠା ଜଳ ସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ତ୍ରିପାଠୀଙ୍କୁ ଫୁଲତୋଡା, ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ, ଚାଷୀନେତା ଜୟକୃଷ୍ଣ ସାହୁ, କିଶୋର ଦେବତା, ଇଶାନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଜୟ କିସାନ ଆନ୍ଦୋଳନର ସାଧାରଣ ସଂପାଦକ ହର ବଣିଆଁ, ଅରୁଣ ସାହୁ, ସୁବାସଚନ୍ଦ୍ର ଭୋଇ, ବିଷ୍ଣୁ ପ୍ରସାଦ ସାହୁ, ହରିଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମନୋରଂଜନ ସାହୁ ସଭା ପରିଚାଳନା କରିଥିଲେ।

## ଇମ୍ପିରିଅଲ ଛାତ୍ରୀଙ୍କ କୃତିତ୍ୱ

ବରଗଡ଼,୩୦। ୪(ସମିସ):ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ନାତକ ଶେଷବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ଫଳାଫଳରେ ଇମ୍ପିରିଅଲ ଅନୁଷ୍ଠାନର ଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ରାଜନୀତି ବିଜ୍ଞାନ ବିଭାଗରେ ଜସ୍ମିନ ଭୋଇ ଷଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ନିଧି ଅଗ୍ରୱାଲ ୧୭ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶିକ୍ଷାରେ ଲାବଣ୍ୟା ପଣ୍ଡା ୨୯ତମ ସ୍ଥାନ ଅଧିକାର କରିଛନ୍ତି ବୋଲି ମୁଖ୍ୟ ଅଧ୍ୟକ୍ଷ ଦୀପକ ଗୋୟଲ ମତ ପ୍ରକାଶ କରିଛନ୍ତି।

## ବଢ଼ୁଛି ମାନସିକ ବିକାରଗ୍ରସ୍ତଙ୍କ ସଂଖ୍ୟା

## ଥଇଥାନ କି ଚିକିତ୍ସା ବ୍ୟବସ୍ଥା ନାହିଁ



ପଦ୍ମପୁର,୩୦।୪ (ସମିସ): ପଦ୍ମପୁର ସହର ତଥା ଆଖପାଖ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।ଏମାନେ କେତେକ ବାହାର ଅଞ୍ଚଳର ହୋଇଥିବା ବେଳେ କେତେକ ସ୍ଥାନୀୟ ଅଞ୍ଚଳର ବୋଲି ଦେଖିବାକୁ ମିଳିଛି।ସେମାନଙ୍କ ପାଇଁ ପ୍ରଶାସନିକ ସ୍ତରରେ କୌଣସି ଥଇଥାନ ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏକାଧିକ ମାନସିକ ବିକାରଗ୍ରସ୍ତ ବୁଲୁଛନ୍ତି।କିଏ ରାସ୍ତା ମଝିରେ ଛିଡା ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି ତ କିଏ ଫିଙ୍ଗା ଖାଦ୍ୟ ଖାଉଛି। ଅଧିକାଂଶ ଥାନା ଛକ, ଦୋକାନ ବଜାର ପ୍ରାଙ୍ଗଣ ରେ ରାତ୍ରି ଯାପନ କରୁଛନ୍ତି। ସେମାନେ ଦୂଷିତ ଖାଦ୍ୟ ପାଣି ପିଇ ରୋଗାକ୍ରାନ୍ତ ମଧ୍ୟ ହେଉଛନ୍ତି। କିଏ ଲୋକମାନଙ୍କୁ ଆକ୍ରମଣ କରିବା ପାଇଁ ମଧ୍ୟ ପଛାଉ ନାହାନ୍ତି। ଫଳରେ ରାସ୍ତାରେ ଯାତାୟତ କରୁଥିବା ଛାତ୍ରଛାତ୍ରୀ ,ଛୋଟପିଲା ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି।କିଏ ହିନ୍ଦୀ କିଏ ବଙ୍ଗାଳୀ ଭାଷାରେ କଥାବାର୍ତ୍ତା କରୁଥିବା ବେଳେ ଜଣେ ମହିଳା ସ୍ଥାନୀୟ ଭାଷାରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳୁଛି। ତେବେ ସହରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସମାଜସେବୀ ଥିଲେ ମଧ୍ୟ ଏଭଳି ବ୍ୟକ୍ତିଙ୍କ ସେବା କିମ୍ବା ଥଇଥାନ କରାଯିବାର ବ୍ୟବସ୍ଥା କରାଯାଇନାହିଁ।

## ଗୁହାଳରୁ ଗାଈ ମାରି ଖାଇଦେଲା ବାଘ

ଅମ୍ବାଭୋନା,୩୦।୪(ସମିସ)

କର୍ଲା ଗ୍ରାମରେ ବାଘ ଆତଙ୍କ ଦେଖା ଦେଇଛି। ଗୋପାଳ ଭୋଇଙ୍କ ଗୁହାଳରେ ପଶି ଏକ କଲରା ପତରିଆ ଚିତା ବାଘ ଗୋଟିଏ ଗାଈକୁ ମାରି ଖାଇ ଦେଇଛି। କିଛି ଦିନ ଧରି ଅମ୍ବାଭୋନାର ଢୁଙ୍ଗୁରି, ଲଖନପୁର, ସମରଧରା ଓ ବୁଗୁବୁଗି ଆଦି ଅଞ୍ଚଳରେ ଏହି ଚିତା ବାଘ ବୁଲୁଛି। ଜଙ୍ଗଲ ବିଭାଗ ପକ୍ଷରୁ ବାଘକୁ ଘଉଡ଼ାଇବା ପାଇଁ ପାଟ୍ରୋଲିଂ କାର୍ଯ୍ୟ ଜୋରଦାର କରାଯାଇଛି। ଏହା ପୂର୍ବରୁ ମଧ ଢୁଙ୍ଗୁରି ଅଞ୍ଚଳରେ କଳଚନ ଭୁଏଙ୍କ ଗୁହାଳରୁ ଏକ ବାଛୁରୀକୁ ବାଘଟି ମାରି ଖାଇଥିଲା। ଏହାସହ କିଛି ଦିନ ପୂର୍ବରୁ ସମରଧରା-ଲଖନପୁର ରାସ୍ତାରେ ଜଣେ ବାଇକ୍ ଆରୋହୀଙ୍କ ଉପରେ ବାଘଟି ଡିଆଁ ମାରିଥିଲା। ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ବର୍ତ୍ତମାନ ସମରଧରାରୁ ଢୁଙ୍ଗୁରି ଓ ଢୁଙ୍ଗୁରିରୁ ବାଞ୍ଜିପାଲି, ବୁଗୁବୁଗି ହୋଇ ଅମ୍ବାଭୋନା ପର୍ଯ୍ୟନ୍ତ ଅଞ୍ଚଳରେ ବାଘ ଆତଙ୍କ ନେଇ ଲୋକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ରାତିରେ ଲୋକେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଇକମାଳ,୩୦।୪(ସମିସ): ପାଇକମାଳ ବିନ୍ଧ୍ୟ ବାସିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ପ୍ରଧାନ ଶିକ୍ଷକଙ୍କ ପାଇଁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜୟଦେବ ପ୍ରଧାନ ନୂତନ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିବା ସହ ସଭାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବରଗଡ ସାଂସଦ ପ୍ରଦୀପ ପୁରୋହିତ, ଗୋବର୍ଦ୍ଧନ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ପ୍ରମୁଖ ଯୋଗ ଦେଇଥିଲେ। ନିରୁପମା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ରଞ୍ଜୀତା ମହାନ୍ତି ସଭା ପରିଚାଳନା କରିଥିଲେ। ସଭାରେ ପ୍ରାୟ୧୦ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଯୋଗ ଦେଇଥଲେ। ଡୋଲାମଣି ମାହାର, ନନ୍ଦଲାଲ ନାୟକ, ମିନକେତନ ବେହେରା, ରଜନୀ ମହାନ୍ତି, ସାନନ୍ଦ ସାହୁ, ବିନୋଦ ମିଶ୍ର, ପଦ୍ମିନୀ ଦାସ, କୃଷ୍ଣ ଥପା, ଦିଲ୍ଲୀପ ନାଗ ପ୍ରମୁଖ ଯୋଗ ଦେଇଥିଲେ। ସବିତା ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।



## ଅର୍ଦ୍ଧାଶିନୀ ମାଁଙ୍କ ମହାଜଳାଭିଷେକ ପର୍ବ

ଭଟଲି,୩୦।୪(ସମିସ): ଭଟଲି ରଥଦାଣ୍ଡ ପଡିଆରେ ଅବସ୍ଥିତ ମାଉଁସୀ ମା' ମନ୍ଦିରର ଅର୍ଦ୍ଧାଶିନୀ ଦେବୀଙ୍କ ବୈଶାଖ ନୃସିଂହ ଚତୁର୍ଦ୍ଦଶୀ ପର୍ବ, ମହାଜଳାଭିଷେକ ଓ ଛପନ ଭୋଗ ଅର୍ପଣ କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଛି। ଶ୍ରୀ ଦଧିବାମନ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପବିତ୍ର ଚକ୍ରତୀର୍ଥରୁ ଜଳ ନେଇ ମାଉଁସୀ ମା' ମନ୍ଦିରରେ ପହଞ୍ଚିଥିଲେ। ପୂଜାର୍ଚ୍ଚନା କରାଯାଇ ଭାରତର ବିଭିନ୍ନ ତୀର୍ଥ କ୍ଷେତ୍ରରୁ ସଂଗୃହୀତ ୧୦୮ କଳସ ଅଭିମନ୍ତ୍ରୀତ ଜଳରେ ମାଁଙ୍କୁ ମହା ଜଳାଭିଷେକ କରାଯାଇଥିଲା। ଜଳାଭିଷେକ ପରେ ଦେବୀଙ୍କୁ ନୂତନ ପାଟ ବସ୍ତ୍ର ଲାଗି କରାଯାଇଥିଲା। ଶୃଙ୍ଗାର ବେଶ ସହ ଷୋଡଶ ଉପଚାର, ପୂଜା, ହୋମ, ମଙ୍ଗଳ ଆଳତି ଏବଂ ପୁଷ୍ପାଞ୍ଜଳି ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ଚୁଡାରେ ନୂତନ ଧ୍ୱଜାରୋହଣ କରାଯାଇଥିଲା। ପରେ ଦେବୀଙ୍କୁ ଛପନ ପ୍ରକାରର ଭୋଗ ଅର୍ପଣ କରାଯାଇ ମହା ପଞ୍ଚ ଆଳତୀ ହୋଇଥିଲା। ଡୋଲାମଣୀ ପଣ୍ଡାଙ୍କ ସହ ଗୌର ଚନ୍ଦ୍ର ରଥ, ରୋହିତ ରଥ, ରାଜେଶ ମିଶ୍ର, ସଂଜୀବ ଷଡଙ୍ଗୀ, ଶ୍ରୀବଚ୍ଛ ପାଣିଗ୍ରାହୀ ପ୍ରମୁଖ ପୂଜାକାର୍ଯ୍ୟ କରିଥିଲେ।



## ଯକ୍ଷ୍ମା ଫୋରମ୍ ଓ ମୃତ୍ୟୁ ସମୀକ୍ଷା ବୈଠକ

# ଜନସଚେତନତା ସୃଷ୍ଟି ପାଇଁ ଆହ୍ୱାନ



ଦେବଗଡ଼, ୩୦।୪(ସମିସ)

ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ବିକାଶ ଭବନଠାରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଜିଲ୍ଲା ଟିବି ଫୋରମ ଓ ଜିଲ୍ଲା ଯକ୍ଷ୍ମା ମୃତ୍ୟୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯକ୍ଷ୍ମାରୋଗ ତଥା ଯକ୍ଷ୍ମା ସହିତ ଆନୁସଙ୍ଗିକ ରୋଗଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ୨୦୨୪ରେ ଜିଲ୍ଲାରେ ୧୦ ଜଣ ଯକ୍ଷ୍ମା ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୫ରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୫ପାଇଁ ୩୧ ଟି ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ ପଞ୍ଚାୟତ ଭାବରେ ପୁରସ୍କୃତ କରାଯାଇଛି। ଦେବଗଡ଼ରେ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନ ୧୦୦ ଦିନିଆ କ୍ୟାମ୍ପେନ୍ ଗତ ମାର୍ଚ୍ଚ ୨୪ଠାରୁ ଜାରି ରହିଥିବାବେଳେ ଏହି ପରିପ୍ରେକ୍ଷୀରେ ଯକ୍ଷ୍ମା ବିପଦସଂକୁଳ ଗ୍ରାମ ଗୁଡ଼ିକରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ କରାଯାଇ ଯକ୍ଷ୍ମା ରୋଗ ନିରୂପଣ ପାଇଁ ଭ୍ରାମ୍ୟମାଣ ଏକ୍ସରେ ସେବା, କଫ ପରୀକ୍ଷା ଓ ଅନ୍ୟାନ୍ୟ ଅଣସଂକ୍ରାମକ ରୋଗ ପରୀକ୍ଷା ଜାରି ରହିଥିବା ବୈଠକରେ ସୂଚନା ଦିଆଯାଇଛି। ଦେବଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତଥା ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ଓଝାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୮୫ ଟି ଯକ୍ଷ୍ମା ବିପଦସଂକୁଳ ଗ୍ରାମରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ କରାଯିବ ଓ ଏହିକ୍ରମରେ ନିକ୍ଷୟ ମିତ୍ର- କ୍ୟୁବରୁଟ ଫାଉଣ୍ଡେସନ ବଡ଼କୁଦର ଟୋଲପ୍ଲାଜା ପକ୍ଷରୁ ଦେବଗଡ଼ ଜିଲ୍ଲାର ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ଉନ୍ନତମାନର ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଉଛି। ଏହି ବୈଠକରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ଓଝା, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ କୁମାର ସିଂ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଡା. ଦେବରଞ୍ଜନ କବି, ଗୟାରାମ ମରାଣ୍ଡି, ସୁଶାନ୍ତ କୁମାର ପ୍ରହରାଜ, ବାଣେଶ୍ୱର ଦାଶ, ସାମ୍ବାଦିକ ବ୍ରିଜେଶ ରଞ୍ଜନ ସାହୁ, ଅନୁପମା ରାଉତଙ୍କ ସମେତ ଜିଲ୍ଲା ଯକ୍ଷ୍ମା ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପ୍ରି-ସେଟେଲମେଣ୍ଟ ବିକ୍ରୟ ଦଲିଲ ଆଧାରିତ ମ୍ୟୁଟେସନ୍ ମାମଲା

# ୩୦ ଆବେଦନକାରୀଙ୍କୁ ଜମିପଟ୍ଟା ବଣ୍ଟନ



ଦେବଗଡ଼, ୩୦।୪(ସମିସ): ଦେବଗଡ଼ ତହସିଲ କାର୍ଯ୍ୟାଳୟ ପରିସରରେ ଆଜି ତହସିଲଦାର କର୍ଣ୍ଣ ମଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଅମାତ, ପ୍ରିୟା ତିର୍କି, ଅତିରିକ୍ତ ତହସିଲଦାର ଦୟାଲ୍ ଓମ୍ ପ୍ରକାଶ ସାହୁ, ରେଭେନ୍ୟୁ ସୁପରଭାଇଜର ନମିତା ପ୍ରଧାନ ପ୍ରମୁଖ ଉପସ୍ଥିତଥିଲେ। ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ନିୟମ -୧୯୬୨ ରେ ସଂଶୋଧନ କରାଯାଇ ଏକ ନୂତନ ଅଧ୍ୟାୟ ୩୪ (ଜି)କୁ ଯୋଗ କରାଯାଇଥିଲା। ଏହି ଅନୁଯାୟୀ ତହସିଲଦାରଙ୍କୁ ପ୍ରି-ସେଟେଲମେଣ୍ଟ ଦଲିଲ ଆଧାରିତ ସେଟେଲମେଣ୍ଟ ମାମଲାର ଫଇସଲା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅତିରିକ୍ତ ଜିଲ୍ଲାପାଳଙ୍କ ବିଚାରାଧୀନ ଥିବା ୩୦ ଟି ମାମଲାକୁ ଦେବଗଡ଼ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାଇ ଫଇସଲା କରିବା ପାଇଁ ହସ୍ତାନ୍ତର କରଯାଇଥିଲା। ଏହି ପରିପ୍ରେକ୍ଷୀରେ ତହସିଲ କାର୍ଯ୍ୟାଳୟର ସକ୍ରିୟ ପଦକ୍ଷେପ ଫଳରେ ୩୦ ଟି ମାମଲାର ଫଇସଲା କରାଯାଇ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି।

# ଡିଜିପି ଡିସ୍କ ପଦକ ସମ୍ମାନରେ ପୁରସ୍କୃତ ହେଲେ ଭାରପ୍ରାପ୍ତ ରେଙ୍ଗାଲି ଥାନା ଅଧିକାରୀ

ଝାରସୁଗୁଡ଼ା, ୩୦।୪(ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନାର ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କୁ ୨୦୨୫-୨୬ ବର୍ଷ ପାଇଁ ପ୍ରତିଷ୍ଠିତ ଡିଜିପି ଡିସ୍କ ପଦକ ସମ୍ମାନରେ ପୁରସ୍କୃତ କରାଯାଇଛି। ସମ୍ବଲପୁର ଉତ୍ତରାଞ୍ଚଳ ପୁଲିସ ରେଞ୍ଜ କାର୍ଯ୍ୟାଳୟଠାରେ ଆୟୋଜିତ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବରେ ରେଙ୍ଗାଲି ଥାନାର ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର



ନାୟକଙ୍କୁ ଏହି ଡିଜିପି ଡିସ୍କ ପଦକ ପ୍ରଦାନ କରାଯାଇଛି।୨୦୧୯ ମସିହାରେ ଓଡ଼ିଶା ପୁଲିସରେ ଯୋଗଦାନ କରିଥିବା ସମରେନ୍ଦ୍ର ନାୟକଙ୍କୁ କର୍ତ୍ତବ୍ୟ ନିଷ୍ଠା, ସାହାସିକତା, ସେବା ଏବଂ ବିଶେଷ ଭାବରେ ନୂତନ ନ୍ୟାୟ ସଂହିତାରେ ନାବାଳିକା ପ୍ରତି ହୋଇଥିବା ଦୁଷ୍କର୍ମ ତଥା ହତ୍ୟା ଲୁଣ୍ଠନ ଅପରାଧର ପରଦାଫାସ କରିବା ସହ ମକଦ୍ଦମାର ଉପଯୁକ୍ତ ତଦନ୍ତ କରିବା ସହିତ ଦୋଷୀକୁ ଦଣ୍ଡ ଦେବାରେ ତାଙ୍କର ଅବଦାନ ବେଶ ପ୍ରଶଂଶନୀୟ ଅଟେ। ୨୦୨୪ ଓ ୨୦୨୬ ମସିହାରେ ସେ ଝାରସୁଗୁଡାରେ ଶ୍ରେଷ୍ଠ ଏସଆଇ ଭାବରେ ପୁରସ୍କୃତ ହୋଇଛନ୍ତି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଆଇନଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ଏହି ସଫଳତା ଝାରସୁଗୁଡା ଜିଲ୍ଲା ପୁଲିସ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି।

## ସିଆଇଏସ୍‌ସିଇ ଦଶମ ଓ ଦ୍ୱାଦଶ ପରୀକ୍ଷା

# ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ଉତ୍ତମ ପ୍ରଦର୍ଶନ






ଝାରସୁଗୁଡ଼ା, ୩୦।୪(ସମିସ): କାଉନସିଲ ଫର୍ ଦ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏଗ୍‌ଜାମିନେଶନ୍ (ସିଆଇଏସସିଇ) ର କାଉନସିଲ ପରୀକ୍ଷା ୨୦୨୫ -୨୦୨୬ ର ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ଏହି ପରୀକ୍ଷାରେ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ବିଦ୍ୟାଳୟର ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଦଶମ ଶ୍ରେଣୀରେ ପ୍ରମିତ ମନ୍ନା ୯୬% ପାଇ ପ୍ରଥମ, ସମୃଦ୍ଧି ଅଗ୍ରୱାଲ ୯୫.୮୦% ରଖି ଦ୍ୱିତୀୟ ଓ ପ୍ରଭାଶ ପଟେଲ ୯୫.୬୦% ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଦ୍ୱାଦଶ ଶ୍ରେଣୀର ବିଜ୍ଞାନରେ ଇଶାନ ସାହୁ ଓ ବିକାଶ ସାହୁ ୯୬.୭୫ % ନମ୍ବର ରଖି ଯୁଗ୍ମ ପ୍ରଥମ ସ୍ଥାନରେ ଅଛନ୍ତି, ଦ୍ୱିତୀୟ ସ୍ଥାନରେ ୯୦.୫ % ରଖି ଅର୍ପିତ କୁମାର ସିଂ ଓ କାମ୍ୟା ଖମାରି ୯୦.୨୫% ରଖି ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ଦ୍ୱାଦଶ ବାଣିଜ୍ୟରେ ପ୍ରାଚୀ ବନ୍ସଲ ୯୮.୫% ପାଇ ପ୍ରଥମ, ଗୁନଜନ ଜୟପୁରିଆ ୯୩ % ପାଇ ଦ୍ୱିତୀୟ ଓ ସିୟା ଅଗ୍ରୱାଲ ୯୧ % ପାଇ ତୃତୀୟ ସ୍ଥାନରେ ଅଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ଟିଆରଏଲ କ୍ରୋଶାକି ରିଫ୍ରାକ୍ଟୋରିଜ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁମାର ହେରମ୍ବ ନାରାୟଣ ନାଏକ, ଉପ ସଭାପତି ମନୋଜ କୁମାର ପଟେଲ, ସମ୍ପାଦକ ଅମ୍ବରିଶ ଘୋଷ ଶୁଭେଚ୍ଛା ଜଣାଇଛନ୍ତି।

## ଗରିଆପାଲି ଓ ଦେଓଝରଣ ଗାଁରୁ ଚୋରି ଘଟଣା

# ଚୋରି ସାମଗ୍ରୀ ଉଦ୍ଧାର, ଦୁଇ ଗିରଫ

ଦେବଗଡ଼, ୩୦।୪(ସମିସ): ଗତ ୨୭ ତାରିଖ ବିଳମ୍ବିତ ରାତିରେ କୁଣ୍ଢେଇଗୋଳା ଥାନା ଅଧୀନ ଗରିଆପାଲି ଓ ଦେଓଝରଣ ଗ୍ରାମରୁ ହୋଇଥିବା ଚୋରି ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାରେ କୁଣ୍ଢେଇଗୋଳା ଥାନା ପୁଲିସ ଆଜି ଚୋରି ସୁନା ଅଳଙ୍କାର ସମେତ କଂସା ଓ ପିତଳର ବାସନ ଏବଂ ଗୋଟିଏ ଛେଳି ଉଦ୍ଧାର କରିଛି। ଏହାସହ ଦେଓଝରଣ ଗ୍ରାମର ଅରକ୍ଷିତ ମାହାରଙ୍କ ପୁଅ ଗଣ ମାହାର (୩୪) ଏବଂ ଗରିଆପାଲି ଗ୍ରାମର କ୍ଷମା ନାୟକଙ୍କ ପୁଅ ରଞ୍ଜନ ନାୟକ (୨୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଗତ ୨୭ ତାରିଖ ବିଳମ୍ବିତ ରାତିରେ ଗରିଆପାଲି ଗ୍ରାମର ଗିରିତାନୀ ସାହୁଙ୍କ ଘରୁ ୪ ଗ୍ରାମ ସୁନା, କଂସା ବାସନ, ଗୋଟିଏ ନୂଆ ପ୍ରେସର କୁକର ଓ ତାରପୋଲିନ ଆଦି ଚୋରି ହୋଇଥିଲା। ସେହିପରି ଦେଓଝରଣ ଗ୍ରାମର ରାଣୀ ମାହାରଙ୍କ ଘରୁ ଗୋଟିଏ ଛେଳି ଏବଂ ନଗଦ ୫ ହଜାର ଟଙ୍କା ଚୋରି ହୋଇଥିଲା। ଏନେଇ ଉଭୟେ ଲିଖିତ ଅଭିଯୋଗ କରିବାପରେ ପୁଲିସ ଏକ ଚୋରି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା।



# ଏସ୍‌ପିଙ୍କ ସମେତ ଅନ୍ୟ ଦୁଇ ପୁଲିସ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେବଗଡ଼, ୩୦।୪(ସମିସ): ୧୯୮୮ ବ୍ୟାଚ୍‌ର ଓଡ଼ିଶା ପୁଲିସ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ଦେବଗଡ଼ ଏସ୍‌ପି ଅନୀଲ କୁମାର ମିଶ୍ର ଆଜି କାର୍ଯ୍ୟରୁ ଅବସରଗ୍ରହଣ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଅତିରିକ୍ତ ଏସପି ଧୀରଜ ଚୋପଦାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଶ୍ରୀ ମିଶ୍ର ସେବା ନିବୃତ ହୋଇଛନ୍ତି। ଏହି ଉପଲକ୍ଷେ ସନ୍ଧ୍ୟାରେ ରିଜର୍ଭ ପୁଲିସ କାର୍ଯ୍ୟାଳୟଠାରେ ଡିଆଇବି ଡିଏସ୍‌ପି ପବିତ୍ର କିଷାନଙ୍କ ସଂଯୋଜନାରେ ଆୟୋଜିତ ସଭାରେ ତାଙ୍କୁ ଅବସରକାଳୀନ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ଏସ୍‌ପି ଶ୍ରୀ ଚୋପଦାରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ପୁଲିସରେ କାର୍ଯ୍ୟରତ ଅନ୍ୟ ଦୁଇଜଣ ପୁଲିସ ଅଧିକାରୀ ସବ୍‌ଇନ୍ସପେକ୍ଟର ପଙ୍କଜ ମାଝୀ ଓ କନଷ୍ଟେବଳ ସିଦ୍ଧେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏସ୍‌ପି ଶ୍ରୀ ମିଶ୍ରଙ୍କ କାର୍ଯ୍ୟ ଦକ୍ଷତା, ସାମାଜିକ ଦାୟିତ୍ୱବୋଧ ଓ ବିଭାଗୀୟ ଅଧିକାରୀଙ୍କ ଠାରୁ କାର୍ଯ୍ୟ ହାସଲ କରାଇବାର ଦକ୍ଷତା ସମ୍ପର୍କରେ ନିଜନିଜ ଅଭିଜ୍ଞତା ବଖାଣି ଥିଲେ। ଶ୍ରୀ ମିଶ୍ର ୧୯୮୮ ମସିହାରେ ଅନୁଗୁଳ ପୁଲିସ ଟ୍ରେନିଂରେ ଯୋଗଦେଇ ପ୍ରଶିକ୍ଷିତ ହେବାପରେ କେନ୍ଦ୍ରାପଡ଼ା, ବଡମ୍ବା, ଖୋର୍ଦ୍ଧା, ବାଲିପାଟଣା, କ୍ୟାପିଟାଲ ଥାନା, କେନ୍ଦୁଝର ସଦର, ସୁନ୍ଦରଗଡ଼ ଜିଲ୍ଲା ହେମଗିର ଆଦି ଥାନାରେ ସବଇନ୍ସପେକ୍ଟର ଭାବେ କାର୍ଯ୍ୟ ତୁଲାଇବା ପରେ ଜଗତସିଂହପୁର ସର୍କଲ ଇନ୍ସପେକ୍ଟର, ପାରାଦ୍ୱୀପ, କୁଜଙ୍ଗ, ବ୍ରହ୍ମପୁର ଥାନା ଆଇଆଇସି ପରେ କଟକ ଏସିପି ଜୋନ୍ ୬, ଏସିପି ଜୋନ୍ ୫, ଅତିରିକ୍ତ ଡିସିପି କଟକରେ ଦକ୍ଷତାର ସହ କାର୍ଯ୍ୟ ତୁଲାଇବା ପରେ ଗତ ୨୦୨୪ ଅକ୍ଟୋବର ୩ ତାରିଖ ଦିନ ଦେବଗଡ଼ ଜିଲ୍ଲାର ୫୧ ତମ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ଗତ ବର୍ଷ ତାଙ୍କୁ ଏସଏଏଜି ପାହ୍ୟାକୁ ପଦୋନ୍ନତି କରାଯାଇଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜିଲ୍ଲା ପୁଲିସର ବହୁ ଉନ୍ନତିମୂଳକ କାର୍ଯ୍ୟକରିବା ସହ କର୍ମଚାରୀଙ୍କ ପ୍ରତି କୋହଳ ମନୋଭାବ ଯୋଗୁଁ ଏସପି ଶ୍ରୀ ମିଶ୍ର ବିଭାଗୀୟ କର୍ମଚାରୀ ମହଲରେ ବେଶ ଜନପ୍ରିୟ ହୋଇପାରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଡିପିଓ ରମେଶ ଚନ୍ଦ୍ର ମାହାନା, ଡିଏସ୍‌ପି ଏଚଆରପିସି ଅମୁଲ୍ୟ ପୁନମ ଲାକ୍ରା, ରିଜର୍ଭ ଇନ୍ସପେକ୍ଟର ହାମ୍ବିରା ସୋରେନ, ଦେବଗଡ଼ ଥାନା ଆଇଆଇସି ସବ୍ୟସାଚି ଶତପଥୀ, ବାରକୋଟ ଥାନା ଆଇଆଇସି ପ୍ରଶାନ୍ତ କୁମାର ବଢେଇ, ରିଆମାଳ ଥାନା ଆଇଆଇସି ବିନୟ କେରକେଟ୍ଟା, କୁଣ୍ଢେଇଗୋଳା ଥାନା ଆଇଆଇସି ଜୋହାନ କୁଜୁର, ଲଇମୁରା ଥାନା ଆଇଆଇସି ଗଣେଶ୍ୱର ବେହେରା, ଜିଲ୍ଲା କନଷ୍ଟେବଳ ହାବିଲଦାର ସଙ୍ଘ ସଭାପତି ଯୋଗେନ୍ଦ୍ର ସାହୁ, ସମ୍ପାଦକ ସଞ୍ଜୀବ କୁମାର ବେହେରାଙ୍କ ସମେତ ଜିଲ୍ଲା ପୁଲିସର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ରିଜର୍ଭ ପୁଲିସ ର ସମସ୍ତ ପୁଲିସ ବଳ ଉପସ୍ଥିତ ଥିଲେ।



# ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଝାରସୁଗୁଡ଼ା, ୩୦।୪(ସମିସ): ଜିଲ୍ଲା ଶିକ୍ଷାକାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭାଜିଲ୍ଲା ଶିକ୍ଷାଧିକାରୀ ଡ.ରାଧାକାନ୍ତ ଗଡ଼ତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କୁ ଅବସରକାଳୀନ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପ୍ରଧାନ, ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, କ୍ରୀଡ଼ା ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ର, ହିନ୍ଦୀ ଶିକ୍ଷକ ଦୁର୍ଗା ଚରଣ ମିଶ୍ର ଓ କନିଷ୍ଠ ସହାୟକ ତୁଳାରାମ ଧୁରୁଆ ଦୀର୍ଘ ଦିନର ସରକାରୀ ସେବା ପ୍ରଦାନ ପରେ ଅବସରଗ୍ରହଣ କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଡ.ଗଡ଼ତିଆ ଅବସର ନେଉଥିବା ଶିକ୍ଷକ କର୍ମଚାରୀଙ୍କୁ ସେମାନଙ୍କ ଚାକିରିର ଶେଷ କାର୍ଯ୍ୟ ଦିବସରେ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିବା ସହିତ ସେମାନଙ୍କର ଅବସରକାଳୀନ ଜୀବନର ମଙ୍ଗଳ କାମନା କରିଥିଲେ। ଏ ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରବୀନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶକୁନ୍ତଳା କିଶାନଙ୍କ ସମେତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବରିଷ୍ଠ ଗୁରୁଜୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗାଇସିଲେଟ, ୩୦।୪(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବରିଷ୍ଠ ଗୁରୁଜୀ ବେଦବ୍ୟାସ ପଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବୁଦ୍ଧଦେବ ପୁରୋହିତ, କୋଷାଧକ୍ଷ ଶାଶ୍ୱତ ପୁରୋହିତ, ଉପସଭାପତି କୁନା ସେଠ୍ ଓ ବିଦ୍ୟାଳୟର ସଭାପତି ଅରୁଣ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସଭା ପରିଚାଳିତ ହୋଇଥିଲା। ସମସ୍ତଙ୍କ ପକ୍ଷରୁ ବେଦବ୍ୟାସ ପଧାନ ଗୁରୁଜୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ସ୍ମୃତିଚିହ୍ନ ଓ ବିଭିନ୍ନ ଉପହାର ପ୍ରଦାନ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗୁରୁଜୀ ଅରକ୍ଷିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଭଦ୍ରା ଶକ୍ତି ମେଳାର ତୃତୀୟ ସନ୍ଧ୍ୟା



ଝାରସୁଗୁଡ଼ା, ୩୦।୪(ସମିସ): ସୁଭଦ୍ରା ଶକ୍ତିମେଳାର ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ବିଶ୍ୱ ରଞ୍ଜନ ନାୟକ, ସୂର୍ଯ୍ୟାଂଶୁ ରଥ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ମୋନାଲିସା ପଟେଲ, ଡ.ପୁଷ୍ପଶ୍ରୀ ନାୟକ, ମିନାକ୍ଷୀ ରାଜ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ସନ୍ଧ୍ୟାରେ ସିଲଟା ଡ୍ୟାନ୍ସ ଏକାଡେମୀ ଓଡ଼ିଶୀ ଡ୍ୟାନ୍ସ, ପ୍ରିନ୍ସ କିଙ୍ଗଡ଼ମ ସମ୍ବଲପୁରୀ ଫୋକ୍ ନୃତ୍ୟ, ବେଦାନ୍ତ ଟାଉନସିପ୍ ଶିବ ତାଣ୍ଡବ, ରାଇଜ ଅଫ ଡ୍ୟାନ୍ସ ଏକାଡେମୀ ସମ୍ବଲପୁରୀ ଫୋକ୍ ଏବଂ ଓଲିଉଡ ଡ୍ୟାନ୍ସ, ରୁକୁ ସୁନାଙ୍କ ଦ୍ୱାରା ସମ୍ବଲପୁରୀ ମେଲୋଡି ପରିବେଷଣ କରାଯାଇଥିଲା। ରୁପେଶ ସାହୁ, ସ୍ୱେଜଲ ପ୍ରଧାନ ଏବଂ ପ୍ରତୀକ୍ଷା ତ୍ରିପାଠୀ ପରିଚାଳନା କରିଥିଲେ। ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା, ୩୦।୪(ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ ଅଡିଟରିଅମ ହଲଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୱାଣଙ୍କ ଅଧକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡେପୁଟି କଲେକ୍ଟର ରାଜସ୍ୱ ବିଶ୍ୱ କେସନ ପାଣ୍ଡେ, ଭୂଅର୍ଜନ ଅଧିକାରୀ ବିନୟ ପଟେଲ, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସୌମେସ ଆଚାର୍ଯ୍ୟ, ଡେପୁଟି କଲେକ୍ଟର ଜୟଶ୍ରୀ ଦେହୁରିଆ, ତହସିଲଦାର ଶ୍ରଦ୍ଧାକର କୁମ୍ଭାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୀଲ ଆଚାର୍ଯ୍ୟ, ଚନ୍ଦ୍ର ମଣି ସ୍ୱାଇଁ, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ଶବର ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର (ସଂସ୍ଥାପନା) ଲୋପାମୁଦ୍ରା ସାମଲ ଏକ ସ୍ୱ-ରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ରାଜସ୍ୱ ସହାୟକ ପଲଟୁ କୁମାର ନାୟକ, ସୁଦର୍ଶନ କାଲୋ ଏବଂ ଅମୀୟ କୁମାର ସରାଫ ଏବଂ ରାଜସ୍ୱ ନିରୀକ୍ଷକ ବିଦେଶିନୀ ମାଳି ଶ୍ରୀ ସ୍ୱାଇଁ କର୍ମଚାରୀଙ୍କୁ ଉଚିତ ମାର୍ଗ ଦର୍ଶନ କରିଛନ୍ତି ଏବଂ ସେଥିପାଇଁ ସେ ସବୁଦିନ ପାଇଁ ମନେ ରହିବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ରାଜସ୍ୱ ବିଭାଗର ସମସ୍ତ ଗୁରୁଦାୟିତ୍ୱ ତୁଲାଇ ଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। କରିବା ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାଆ ସମଲେଇ ଙ୍କ ତୈଳ ଚିତ୍ର, ଏକ ଚାରା ଗଛ ସହ ପ୍ରୋଭିଜିନାଲ ପେନସନ ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭା ରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ବ୍ରଜବନ୍ଧୁ ଭୋଇ, ପ୍ରକଳ୍ପ ନିର୍ଦ୍ଦେଶକ, (ପୁନର୍ବାସ ଓ ଥଇଥାନ ଶ୍ରୀଯୁକ୍ତ ଲଳିତ ସୋରେନ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ କୁ ଡେପୁଟି କଲେକ୍ଟର ଅମ୍ରିତ ଆଚାର୍ଯ୍ୟ ପରିଚାଳନା କରିଥିଲେ ଏବଂ ସମ୍ବର୍ଦ୍ଧନା ସଭା ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବିଭିନ୍ନ ବିଭାଗ ର ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନିର୍ବାହୀ ଅଧିକାରୀ, ତହସିଲଦାର, ସମସ୍ତ ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ବରିଷ୍ଠ ଏବଂ କନିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ସହାୟକ ଙ୍କ ସହ ଅନ୍ୟାନ୍ୟ ପଦାଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ

